ବର୍ଷ-୨୬, ସଂଖ୍ୟା-୨୬୮
ଭୁବନେଶ୍ୱର
ଅକ୍ଟୋବର, ୦୫, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 268
Bhubaneswar
October, 05, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୩ ବର୍ଷ ପର୍ଯ୍ୟନ୍ତ ହେବନି ନୂଆ ମଦ ଦୋକାନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦(ମହାଭାରତ) : ସ୍ଥାନୀୟ ରେଳ ଅଡ଼ିଟୋରିଅମଠାରେ କମିଶନରେଟ୍ ପୋଲିସ, ଆଜି ଆୟୋଜନ କରିଥିବା ଜନସଚେତନତା କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ- ୨.୦' ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରୁ ନିଶାକୁ ମୂଳପୋଛ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସର 'ନିଶାମୁକ୍ତ ଭାରତ' ସମ୍ବନ୍ଧୀୟ ଏକ ସ୍ୱତନ୍ତ୍ର ୱେବସାଇଟ୍ର ଶୁଭାରମ୍ଭ କରିଥିଲେ । ନିଶା କେବଳ ବ୍ୟକ୍ତିଗତ ଜୀବନକୁ ନୁହେଁ, ବରଂ ସମଗ୍ର ପରିବାର ଓ ସମାଜକୁ ବରବାଦ କରିଦେଉଛି ବୋଲି ମତପ୍ରକାଶ କରି ମୁଖ୍ୟମନ୍ତ୍ରୀ ରାଜ୍ୟସରକାରଙ୍କ ପକ୍ଷରୁ ନିଶା ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଜାରି ରହିଥିବା ସ୍ପଷ୍ଟ କରିଛନ୍ତି । ମାନବ ଜୀବନକୁ ଇଶ୍ୱରଙ୍କ ଏକ ଅମୂଲ୍ୟ ବରଦାନ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜୀବନରେ ଯେତେ ବାଧାବିଘ୍ନ ଓ ବିଫଳତା ଆସିଲେ ମଧ୍ୟ ସେଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବା ହେଉଛି ପ୍ରକୃତ ଜୀବନ । ଗତ ବର୍ଷ ଆରମ୍ଭ ହୋଇଥିବା 'ଜୀବନ ଜିନ୍ଦାବାଦ' ଅଭିଯାନ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବାରେ ବଡ଼ ସଫଳତା ଦେଇଥିବାବେଳେ, ବର୍ତ୍ତମାନର 'ଜୀବନ ଜିନ୍ଦାବାଦ ୨.୦' ଯୁବବର୍ଗଙ୍କୁ ନିଶାରୁ ଦୂରେଇ ରଖି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାର ଏକ ବ୍ୟାପକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି ।



ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ 'ଜୀବନ ଜିନ୍ଦାବାଦ', 'ନିଶାମୁକ୍ତ ଯୁବସମାଜ ବିକଶିତ ଭାରତ' ଏବଂ ସଚେତନମୂଳକ ନାଟକ 'ଭୂତ ମଣିଷର ନିଶାକୁ ନା' ମଞ୍ଚସ୍ଥ ହୋଇଥିଲା । ଏହି ସମସ୍ତ ନାଟକ ଓ ନୃତ୍ୟ ପ୍ରଦର୍ଶନଗୁଡ଼ିକର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନାଟକଗୁଡ଼ିକରୁ ପ୍ରତ୍ୟେକେ ଜୀବନ ଜିଇଁବାର ପ୍ରକୃତ ଶିକ୍ଷା ନେବା ଉଚିତ । ସାମ୍ପ୍ରତିକ ପରିସ୍ଥିତିରେ ଅଧିକାଂଶ ଜଘନ୍ୟ ଅପରାଧ ଓ ମହିଳା ହିଂସା ପଛରେ ନିଶା ସେବନ ମୁଖ୍ୟ କାରଣ ପାଲଟିଥିବା ନେଇ ଗଭୀର ଚିନ୍ତା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶରେ ପ୍ରତିବର୍ଷ କେବଳ ମଦ୍ୟପାନ କାରଣରୁ ପ୍ରାୟ ୨ ଲକ୍ଷ ୬୦ ହଜାରରୁ ୨ ଲକ୍ଷ ୮୦ ହଜାର ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି । ମଦ୍ୟପାନ କରି ଗାଡ଼ି ଚଳାଇ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ତାଲିକାରେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ ସ୍ୱୀକାର କରିଛନ୍ତି । କେବଳ ମଦ ନୁହେଁ, ଗଞ୍ଜେଇ, ଅଫିମ, କୋକେନ, ହେରୋଇନ, ବ୍ରାଉନ ସୁଗାର ଓ ସିନ୍ଥେଟିକ୍ ଡ୍ରଗ୍ସ ଭଳି ହାଇ-ରିସ୍କ ଡ୍ରଗ୍ସ ବିରୁଦ୍ଧରେ ରାଜ୍ୟର ପୋଲିସ ଓ ଅବକାରୀ ପ୍ରଶାସନ ଆହୁରି ଅଧିକ କଠୋର ପ୍ରୋ-ଆକ୍ଟିଭ ପଦକ୍ଷେପ ନେବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ସରକାରଙ୍କ ଗ୍ରହଣ କରାଯାଇଥିବା ବିଭିନ୍ନ ଦୃଢ଼ ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଜଣାଇଲେ ଯେ ଗତ ଏପ୍ରିଲ ପହିଲାରୁ ନୂତନ ଅବକାରୀ ନୀତି ଅନୁସାରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ନୂଆ ମଦ ଦୋକାନ ଖୋଲାଯିବ ନାହିଁ । ଏହାସହ ଚୋରା ଓ ବିଷକ୍ତ ମଦ କାରବାର ପାଇଁ ସ୍ଥାନୀୟ ପ୍ରଶାସନକୁ ଉତ୍ତରଦାୟୀ କରାଯାଇଛି । ତମାଖୁ ଓ ନିକୋଟିନ୍ ଯୁକ୍ତ ପାନ ମସଲା ଏବଂ ଗୁଟ୍କା ଉତ୍ପାଦନ ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ସାଙ୍ଗକୁ ସ୍କୁଲ ଓ କଲେଜ କ୍ୟାମ୍ପସକୁ 'ନିଶା ନିଷିଦ୍ଧ' ଅଞ୍ଚଳ ଭାବେ ଘୋଷଣା କରାଯାଇଛି । ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ୨୦୨୯ ଶେଷ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଘୋଷିତ 'ଡେଡ୍ଲାଇନ୍'କୁ ସାକାର କରିବା ଦିଗରେ ଓଡିଶା ସରକାର ପ୍ରତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଶେଷରେ, ପିତାମାତାମାନେ ନିଜ ପିଲାମାନଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହାକୁ 'ରେଡ୍-ଫ୍ଲାଗ୍' ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସେହି ଟଙ୍କାକୁ ପ୍ରୋଟିନ ଓ ଏନର୍ଜି ଡ୍ରିଙ୍କ୍ସ ପରି ସ୍ୱାସ୍ଥ୍ୟକର ଜିନିଷରେ ଖର୍ଚ୍ଚ କରିବାକୁ ଆଗ୍ରହୀ ହେବା ଏକ ଆଶାର କିରଣ ବୋଲି ସେ କହିଥିଲେ । "ନିଶାକୁ ନାଁ, ଜୀବନକୁ ହଁ" ଏବଂ "ଖସଲର ସଷ୍ଣ ଭରବଙ୍କଷ୍ଣସଲଙ୍କକ୍ଷ, ଉକ୍ଟଭ'ଷ୍ଣ ଯରଷ୍ଣଷ୍ଣକ୍କଛ ସଷ୍ଣ"ର ବାର୍ତ୍ତାକୁ ପ୍ରତ୍ୟେକ ଗାଁ ଓ ସହରରେ ପହଞ୍ଚାଇ ଏକ ସୁସ୍ଥ, ସଚେତନ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ବିଶିଷ୍ଟ ଅତିଥି ଏବଂ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ ଉପସ୍ଥିତ ଥିଲେ ।

## ଏସୀୟ କ୍ରୀଡ଼ା ଉଦଯାପନୀ ସମାରୋହ

# ଭାରତର ଧ୍ୱଜବାହକ ହେଲେ ନୀରୁ



ନୂଆଦିଲ୍ଲୀ,୪।୧୦(ମହାଭାରତ): ଜାପାନର ନାଗୋୟା ସିଟି ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬, ରଙ୍ଗାରଙ୍ଗ ଉଦଯାପନୀ ସମାରୋହ ସହ ସମାପ୍ତ ହୋଇଛି । ଏହି ଐତିହାସିକ ଅବସରରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ତାରକା ଶୁଟର ନୀରୁ ଢାଣ୍ଡା, ଭାରତର ଧ୍ୱଜବାହକ ହୋଇ ଥିଲେ । ନୀରୁ ଖୁବ୍ ଗର୍ବର ସହ ଭାରତର ଜାତୀୟ ପତାକା ତ୍ରିରଙ୍ଗାକୁ ଆକାଶରେ ଉଡ଼ାଇ ମାର୍ଚ୍ଚ ପାଷ୍ଟର ନେତୃତ୍ୱ ନେଇ ଥିଲେ ।

ଉଦଯାପନୀ ସମାରୋହ ସମୟରେ ଯେତେବେଳେ ଭାରତୀୟ ଦଳ ଷ୍ଟାଡ଼ିୟମ ମଧ୍ୟକୁ ପ୍ରବେଶ କଲା, ସମଗ୍ର ପରିବେଶ ଭାରତ ମାତା କି ଜୟ ନାରାରେ ପ୍ରକମ୍ପିତ ହୋଇ ଉଠି ଥିଲା । ଶ୍ରୀଲଙ୍କା ଓ ଚୀନ୍ ପରେ ଯେତେବେଳେ ଭାରତୀୟ ଆଥଲେଟ ମାନେ ପଡ଼ିଆରେ ପାଦ ଥାପିଲେ, ସେମାନଙ୍କ ଚେହେରାରେ ଦେଶ ପାଇଁ ପଦକ ଜିତିବାର ଗର୍ବ ସ୍ପଷ୍ଟ ବାରି ହୋଇ ପଡୁଥିଲା । ହାତରେ ଛୋଟ ଛୋଟ ତ୍ରିରଙ୍ଗା ପତାକା ଧରି ଏବଂ ବିଜୟର ଚିହ୍ନ ଦେଖାଇ ଭାରତୀୟ ଖେଳାଳିମାନେ ନେଇଥିବା ଫଟୋ ସବୁ ପ୍ରଶଂସକଙ୍କ ହୃଦୟ ଜିତି ନେଇଛି । ଥାଇଲ୍ୟାଣ୍ଡ ଓ କାମ୍ବୋଡିଆର ଖେଳାଳିଙ୍କ ପୂର୍ବରୁ ଭାରତୀୟ ଦଳ ସମ୍ପୂର୍ଣ୍ଣ ଷ୍ଟାଡିୟମ୍ ପରିକ୍ରମା କରିଥିଲା ।

ଉଦଯାପନୀ ସମାରୋହ ସମୟରେ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ମନରେ ସେହିସବୁ ଗୌରବମୟ ମୁହୂର୍ତ୍ତର ସ୍ମୃତି ପୁଣି ଥରେ ତାଜା ହୋଇ ଉଠି ଥିଲା, ଯାହା ଭାରତକୁ ୮୫ଟି ପଦକ ସ୍ତରରେ ପହଞ୍ଚାଇ ଥିଲା । ଆଥଲେଟିକ୍ସ ଦଳ ସବୁଠାରୁ ଅଧିକ ୨୪ଟି ପଦକ ଭାରତ ପାଇଁ ଆଣି ଥିବା ବେଳେ ଶୁଟିଂରୁ ୧୫ଟି ଏବଂ ତୀରନ୍ଦାଜୀରୁ ୯ଟି ପଦକ ମିଳି ଥିଲା । ବନ୍ଧୁକ ଚାଳନାରେ ନୀରୁ ଢାଣ୍ଡାଙ୍କ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଭାରତର ସ୍ୱର୍ଣ୍ଣିମ ଅଭିଯାନକୁ ଏକ ନୂଆ ଉଚ୍ଚତାକୁ ନେଇ ଯାଇ ଥିଲା । ଏହି ସବୁ ପ୍ରତିଯୋଗିତାରେ ଭାରତୀୟ ଆଥଲେଟ୍ ମାନଙ୍କ ଦମଦାର ପ୍ରଦର୍ଶନ ପ୍ରମାଣିତ କରିଛି ଯେ ଭାରତ ଏବେ ପ୍ରତ୍ୟେକ ଖେଳରେ ବିଶ୍ୱକୁ କଡ଼ା ଟକ୍କର ଦେଉଛି ।

## ବାଘ ଆକ୍ରମଣରେ ୬ ଗୁରୁତର

ଭୁବନେଶ୍ୱର,୪।୧୦ (ମହାଭାରତ):: ବାଘ ଆକ୍ରମଣରେ ୬ ଜଣ ଗୁରୁତର । ଘରେ ପଶି ଆକ୍ରମଣ କଲା କଲରାପତରିଆ ବାଘ । ସମସ୍ତ ଗୁରୁତର ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା ଝିଟିକି ଗାଁରେ । ସମସ୍ତ ଗୁରୁତର ବର୍ତ୍ତମାନ ମହାସମୁନ୍ଦ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ନୂଆପଡ଼ା ଜିଲ୍ଲା ସୀମାନ୍ତବର୍ତ୍ତୀ ଛତିଶଗଡ ନରରା ନିକଟ ଝିଟିକି ଗାଁକୁ ସୁନାବେଡ଼ା ଅଭୟାରଣ୍ୟର ଏକ କଲରାପତରିଆ ବାଘ ପଶି ଯାଇଥିଲା । ଏହି ସମୟରେ ଘରେ ଗୋଟିଏ ପରିବାରର ୬ ଜଣ ଶୋଇଥିଲେ । ଖାଦ୍ୟ ଅନ୍ବେଷଣରେ ବାଘ ଘରକୁ ପଶି ଯାଇଥିଲା । ଗୋଟିଏ ପରିବାରର ୬ ଜଣଙ୍କୁ ଆକ୍ରମଣ କରି ଲହୁ ଲୁହାଣ କରି କ୍ଷତାକ୍ତ କରିଥିଲା ।

## ତରୁଆକୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର,୪।୧୦(ମହାଭାରତ): ଜମିଜମା ବିବାଦ ଏବଂ ରାସ୍ତା ଅବରୋଧକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ୧୦ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ପୁଲିସ ଏକ ଅପରାଧୀ ଗୋଷ୍ଠୀର ମୁଖ୍ୟ ତଥା ପେସାଦାର ଅପରାଧୀ ତରୁଣକାନ୍ତ ମହାନ୍ତି ଓରଫ ତରୁଆ (୫୨)କୁ ଗିରଫ କରିଛି ।



ଅଭିଯୋଗକାରୀ ତପନ କୁମାର ସ୍ୱାଇଁଙ୍କର ପାଣ୍ଡରା ମୌଜା ଏନଏଚ୍-୧୬ ନିକଟରେ ଏକ ଜମି ରହିଛି । ଅଭିଯୁକ୍ତ ତରୁଣକାନ୍ତ ଏବଂ ତା'ର ସହଯୋଗୀମାନେ ଅଭିଯୋଗକାରୀଙ୍କ ଜମି ଚାରିପଟେ ଥିବା ଜମିକୁ ମାଡ଼ି ବସିବା ସହ ତାଙ୍କ ଜମିକୁ ଯାଉଥିବା ରାସ୍ତାରେ ଏକ ଲୁହା ଗେଟ୍ ଏବଂ ଇଟା ପ୍ରାଚୀର ନିର୍ମାଣ କରି ରାସ୍ତା ଅବରୋଧ କରିଥିଲେ । ଏହାକୁ ନେଇ ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ବାପା, ପୁଅ ଓ ଦାଦା ମିଶି ଏକ ଅପରାଧୀ ଗୋଷ୍ଠୀ ଚଳାଉଛନ୍ତି । ସେମାନେ ସ୍ଥାନୀୟ ଅଞ୍ଚଳରେ ଅନେକ ଲୋକଙ୍କ ଜମି ଦଖଲ କରିବା, ରାସ୍ତା ଅବରୋଧ କରି ଲୋକଙ୍କ ଠାରୁ ଦାଦାବଟି ଆଦାୟ କରିବା ଏବଂ ଭୟଭୀତ କରିବା ଭଳି ସଙ୍ଗିନ ଅପରାଧରେ ସମ୍ପୃକ୍ତ ଅଛନ୍ତି । ଅପରାଧିକ ପୃଷ୍ଠଭୂମି ଯାଞ୍ଚରୁ ଜଣାପଡିଛି ଯେ ଗିରଫ ମୁଖ୍ୟ ଅଭିଯୁକ୍ତ ତରୁଣକାନ୍ତ ଓରଫ ତରୁଆ ଜଣେ ଅଭ୍ୟାସଗତ ଅପରାଧୀ । ତା' ନାମରେ ହତ୍ୟା ଉଦ୍ୟମ, ବିସ୍ଫୋରକ ଆଇନ, ଅସ୍ତ୍ରଶସ୍ତ୍ର ଆଇନ, ଦାଦାବଟି ଆଦାୟ, ଠକେଇ ଓ ହରିଜନ-ଆଦିବାସୀ ଆଇନ ଭଳି ୧୪ଟି ସଙ୍ଗିନ ମାମଲା ବିଭିନ୍ନ ଥାନାରେ ରହିଛି । ମଞ୍ଚେଶ୍ୱର ପୋଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତରୁଣକାନ୍ତ ମହାନ୍ତିକୁ ଗତକାଲି ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି । ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ୟୁକ୍ରେନରେ ଭାରତୀୟ ଫାର୍ମା କାରଖାନା ଧ୍ୱଂସ

କିଭ୍,୪।୧୦(ମହାଭାରତ): ୟୁକ୍ରେନରେ ଭାରତୀୟ ଫାର୍ମା କମ୍ପାନି କୁସୁମ୍ ଗ୍ରୁପ୍ର ଏକ କାରଖାନା ରୁଷର ଡ୍ରୋନ୍ ଆକ୍ରମଣରେ ଧ୍ୱଂସ ହୋଇଯାଇଛି । ଏହି ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକ ଲୋକ ଆହତ ହୋଇଛନ୍ତି । ୟୁକ୍ରେନର ସୁମିରେ ଥିବା ଔଷଧ କାରଖାନାର ମୁଖ୍ୟ କୋଠା ପ୍ରାୟତଃ ନଷ୍ଟ ହୋଇଯାଇଛି । କୁସୁମ ଗ୍ରୁପ୍ ୧୯୯୪ ମସିହାରେ ୟୁକ୍ରେନକୁ ରପ୍ତାନି ହେଉଥିବା ଭାରତୀୟ ଔଷଧର ବିତରକ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଏହା ବର୍ତ୍ତମାନ ଭାରତୀୟ ନାଗରିକ ରାଜୀବ ଗୁପ୍ତା ଦ୍ୱାରା ପରିଚାଳିତ ହେଉଛି । ମୃତକଙ୍କ ସଂଖ୍ୟା ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଅଧିକାରୀମାନେ କହିଛନ୍ତି । ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ଦୀର୍ଘ ସମୟ ପର୍ଯ୍ୟନ୍ତ କାରଖାନା ଅଞ୍ଚଳରୁ ଧୂଆଁ ବାହାରୁଥିଲା ।

୨୦୦୨ ମସିହାରେ କୁସୁମ ଗ୍ରୁପ୍ ଅନ୍ୟ କମ୍ପାନିଗୁଡ଼ିକର ଉତ୍ପାଦ ବଣ୍ଟନ ବନ୍ଦ କରିଦେଇଥିଲା । ଏହା ପରେ କମ୍ପାନି ନିଜସ୍ୱ ବ୍ରାଣ୍ଡର ମାର୍କେଟିଂ ଆରମ୍ଭ କରିଥିଲା । ଏହା ପରେ କୁସୁମ ଗ୍ରୁପ୍ ଉତ୍ପାଦନ କ୍ଷେତ୍ରରେ ବିସ୍ତାର କରି ୨୦୦୭ ମସିହାରେ ଭାରତରେ ଓ ୨୦୦୯ ମସିହାରେ ୟୁକ୍ରେନର ସୁମିରେ ପ୍ଲାଣ୍ଟ ଖୋଲିଥିଲା । ଏହା ପରେ ଆଉ ଦୁଇଟି ଶାଖା ଆରମ୍ଭ ହେଲା । କମ୍ପାନୀ ୫୦ ରୁ ଅଧିକ ଉତ୍ପାଦ ଉତ୍ପାଦନ କରେ ଓ ୟୁକ୍ରେନ, ଉଜବେକିସ୍ତାନ, କାଜାଖସ୍ତାନ, ଫିଲିପାଇନ୍ସ ପରି ନଅରୁ ଅଧିକ ଦେଶରେ ବିକ୍ରି କରେ । ଉଲ୍ଲେଖନୀୟ ଯେ, ରୁଷ-ୟୁକ୍ରେନ୍ ସହିତ ଯୁଦ୍ଧ ସମୟରେ ସୁମି ପ୍ଲାଣ୍ଟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା, କିନ୍ତୁ ବର୍ତ୍ତମାନ ଡ୍ରୋନ୍ ଆକ୍ରମଣରେ ଗୁରୁତର କ୍ଷତି ସହିଛି । କ୍ଷତିର ପରିମାଣ ଅତି କମ୍ରେ ୪୦୦ କୋଟି ହେବ ବୋଲି ଆକଳନ କରାଯାଇଛି ।

ୟୁକ୍ରେନ୍ ରାଷ୍ଟ୍ରପତି ବୋଲ୍ଡିମିର୍ ଜେଲେନସ୍କି 'ଏକ୍ସ'ରେ ଏକ ପୋଷ୍ଟ କରି ଫାର୍ମା କମ୍ପାନି ଉପରେ ରୁଷର ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି । ମୃତ ବ୍ୟକ୍ତିଙ୍କ



ପରିବାର ଓ ପ୍ରିୟଜନଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି । ନିପ୍ରୋରେ ଏକ କମ୍ୟୁନିକେସନ ସେଣ୍ଟର ଉପରେ ମଧ୍ୟ ଆକ୍ରମଣ ହୋଇଛି, ଯେଉଁଥିରେ ୬ ଲୋକ ଆହତ ହୋଇଛନ୍ତି ବୋଲି ଜେଲେନସ୍କି ସାମାଜିକ ଗଣମାଧ୍ୟମରେ କହିଛନ୍ତି ।

## କୁମ୍ଭୀର ସହ ଦେଢ଼ ଘଣ୍ଟାର ସଂଘର୍ଷ

ବୌଦ୍ଧ,୪।୧୦ : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମାରଡ଼ା ଘାଟଠାରେ ମହାନଦୀରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନଦୀକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକ କୁମ୍ଭୀର ଆକ୍ରମଣର ଶିକାର ହୋଇଥିବାବେଳେ ଦେଢ଼ ଘଣ୍ଟାର କଠିନ ସଂଘର୍ଷ ଏବଂ ଦୁଇ ଭାଇଙ୍କ ସାହସିକତା ଯୋଗୁଁ ଜୀବନ ବଞ୍ଚିଯାଇଛି । ଗୁରୁତର ଯୁବକ ଜଣଙ୍କ ହେଲେ ମାରଡ଼ା ଗ୍ରାମର ସୁଧୀର ବେହେରା । ତାଙ୍କୁ ସଙ୍କଟଜନକ ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, ଅପରାହ୍ନ ସମୟରେ ସୁଧୀର ମହାନଦୀର ମାରଡ଼ା ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ଏହି ସମୟରେ ପୂର୍ବରୁ ଶିକାର ଅପେକ୍ଷାରେ ଥିବା ଏକ ଗୋମୁହାଁ କୁମ୍ଭୀର ହଠାତ୍ ସୁଧୀରଙ୍କ ବାମ ଗୋଡ଼କୁ ଜାବୁଡ଼ି ଧରି ଗଭୀର ପାଣି ଭିତରକୁ ଘୋଷାଡ଼ି ନେବାକୁ ଚେଷ୍ଟା କରିଥିଲା ।

ସୁଧୀର କିଛି ବୁଝିବା ପୂର୍ବରୁ ନଦୀ ମଧ୍ୟରେ ଥିବା ଏକ ଗଛର ଡାଳକୁ ହାତରେ ଜାବୁଡ଼ି ଧରିଥିଲେ । ସୁଧୀରଙ୍କ ବିକଳ ଚିତ୍କାର ଶୁଣି ତାଙ୍କ ଭାଇ ଛବିନ୍ଦ୍ର ବେହେରା ନଦୀ କୂଳରେ ପହଞ୍ଚିଥିଲେ । ଭାଇଙ୍କୁ କୁମ୍ଭୀର ମୁହଁରେ ସଙ୍କଟାପନ୍ନ ଅବସ୍ଥାରେ ଦେଖି ସେ ତୁରନ୍ତ ସ୍ଥାନୀୟ ପ୍ରମୋଦ ପ୍ରଧାନଙ୍କୁ ଡାକିଥିଲେ । ଏହାପରେ ଦୁଇ ଭାଇ ନିଜ ଜୀବନକୁ ବାଜି ଲଗାଇ ପାଣିକୁ ଓହ୍ଲାଇଥିଲେ ଏବଂ ଅକ୍ଲାନ୍ତ ଉଦ୍ୟମ କରି ସୁଧୀରଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରିଥିଲେ ।

## ବାଇକ୍ ଓଲଟି ଦୁଇ ମୃତ

ଭୁବନେଶ୍ୱର,୪/୧୦ : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ଜାତୀୟ ରାଜପଥର କୟଥପଲ୍ଲୀ ଛକ ନିକଟରେ ଘଟିଛି ସଡ଼କ ଦୁର୍ଘଟଣା । ଏଥିରେ ଗୋଟିଏ ବାଇକରେ ଯାଉଥିବା ଦୁଇ ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ମୃତକ ଦୁଇ ଜଣ ହେଲେ ଟାଙ୍ଗୀ ଥାନା ଅଧୀନ କୁଞ୍ଚୁରୀ ପଞ୍ଚାୟତ ଜରିପୁଟ ଗ୍ରାମର ମନୋଜ ମହତ ଏବଂ କାହ୍ନୁ ମହାପାତ୍ର ।ସୂଚନା ଅନୁସାରେ, ଦୁଇ ଜଣ ଯୁବକ ଗୋଟିଏ ବାଇକ୍ ଯୋଗେ ନାରୁଣୀ ଅଞ୍ଚଳକୁ ଯାଉଥିବା ସମୟରେ କୟଥପଲ୍ଲୀ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ହଠାତ୍ ହାଇୱେରେ ବାଇକ୍ ଓଲଟି ପଡ଼ିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସେପଟେ ଦୁଇ ଯୁବକଙ୍କ ଅକାଳ ମୃତ୍ୟୁ ଖବର ପରେ ଜରିପୁଟ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ଭୁବନେଶ୍ୱରରେ ବନ୍ଧୁକ ଦେଖାଇ ଯୁବତୀଙ୍କୁ ଦୁଷ୍କର୍ମ ଘଟଣା; ଅଭିଯୁକ୍ତର ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୪।୧୦(ମହାଭାରତ): ନୟାପଲ୍ଲୀ ଥାନା ଅଞ୍ଚଳରେ ଘରେ ପଶି ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଶ୍ରୀଧର ପଣ୍ଡାକୁ ଗତକାଲି ପୁଲିସ ଏନକାଉଣ୍ଟର କରିଥିବାବେଳେ ଆଜି ତାର ୨ ସହଯୋଗୀଙ୍କୁ ଗିରଫ କରିଛି । ସେମାନେ ହେଉଛନ୍ତି ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁ । ଏହି ଦୁଇ ଜଣ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଚକେଇସିଆଣି ଅଞ୍ଚଳରେ ରହନ୍ତି ।

ଶ୍ରୀଧର ଦୁଷ୍କର୍ମ କରିବା ପରେ କ୍ୟାପିଟାଲ ଥାନା ଅଞ୍ଚଳରୁ ଏକ ବାଇକ ଚୋରି କରିଥିଲା ଓ ସେଥିରେ ବାରମ୍ବାର ବାରମ୍ବାର ସ୍ଥାନ ପରିବର୍ତ୍ତନ କରିଥିଲା । ପରେ ସେହି ବାଇକକୁ ସେ ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁଙ୍କୁ ବିକ୍ରି କରିଦେଇଥିଲା । ଶ୍ରୀଧର ଯେଉଁ ବାଇକ ଚୋରି କରୁଥିଲା ସେମାନଙ୍କୁ ବିକ୍ରି କରୁଥିଲା । ସେମାନେ ବାଇକ ଗୁଡିକୁ କାଟି ସବୁ ପାର୍ଟ ଅଲଗା କରି ବିକ୍ରି କରୁଥିଲେ । କ୍ୟାପିଟାଲ ଥାନା ଅଞ୍ଚଳରୁ ଯେଉଁ ବାଇକଟି ଚୋରି ହୋଇଥିଲା, ତାହାର ମାଲିକ ଏତଲା ଦେଇଥିଲେ । ପୁଲିସ ତାହାର ତଦନ୍ତ କରି ହରି ନାରାୟଣ ପ୍ରାସାଦ ଓ ନିଶିକାନ୍ତ ସାହୁଙ୍କ ପାଖରେ ପହଞ୍ଚିଥିଲା । ଚୋରି ସାମଗ୍ରୀ କିଣିବା ଓ ବିକ୍ରି କରିବା ଅଭିଯୋଗରେ ପୁଲିସ ସେମାନଙ୍କୁ ଗିରଫ କରିଛି । ଗତକାଲି ଅପରାହ୍ନ ଚନ୍ଦକା ଅଞ୍ଚଳରେ ଶ୍ରୀଧର ପଣ୍ଡାକୁ କାବୁ କରିଥିଲା ପୁଲିସ । ସେ ଜଣେ ଏସଆଇଙ୍କୁ ପେଚକସରେ ଆକ୍ରମଣ କରି ଖସିଯିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ତା ଗୋଡକୁ ଦୁଇଟି ଗୁଳି କରିଥିଲେ । ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା । ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ।

# ଯାଜପୁରରେ ରାଜନୈତିକ ହିଂସା ଅଭିଯୋଗ

ଯାଜପୁର,୪।୧୦(ମହାଭାରତ): ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ଗ୍ରାମ ପଞ୍ଚାୟତରେ ରାଜନୈତିକ ହିଂସାକାଣ୍ଡ ଘଟିଛି । ମଧୁପୁରଗଡ଼ ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ



ଚାଲିଥିବା ଜନ ସମ୍ପର୍କ ପଦଯାତ୍ରା ସମୟରେ ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଣବ ବଳବନ୍ତରାୟ ଏବଂ ତାଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ ହୋଇଛି । ଏହାର ପ୍ରତିବାଦରେ ଏସ୍‌ପି ଅଫିସ୍ ଆଗରେ ବିଜେଡି କର୍ମୀ ଧାରଣା ଦେଇଛନ୍ତି । ଜିଲ୍ଲାର ପ୍ରମୁଖ ନେତାମାନେ ଏସ୍‌ପି ଅଫିସରେ ପହଞ୍ଚିଛନ୍ତି । ଫଳରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲ୍ଲାରେ ପରିସ୍ଥିତି ସରଗରମ ହୋଇଛି । ଏ ନେଇ ଯାଜପୁର ଏସପିଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି ଖୋଦ୍ ପ୍ରଣବ ବଳବନ୍ତରାୟ । ଏହି ଆକ୍ରମଣ ଘଟଣା ପଛରେ ବିଧାୟକ ହିମାଂଶୁ ଶେଖରଙ୍କ ହାତ ଥିବା ସେ କହିଛନ୍ତି । ତେବେ ବିଜେପି କହିଛି ଯେ, ଏହାର ତାଙ୍କର ଆଭ୍ୟନ୍ତରୀଣ କନ୍ଦଳ ହୋଇପାରେ । ବିଜେପି ଉପରେ ଦୋଷ ଦେବା ବିଜେଡିର ଏବେ ଅଭ୍ୟାସ ହୋଇଗଲାଣି । ଏହି ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଖୋଲା ଦିବାଲୋକରେ ଜନପ୍ରତିନିଧିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି, ପୋଲିସ୍ ଚୁପ୍, ସରକାର ଚୁପ୍, କ'ଣ ଓଡ଼ିଶାରେ ଗୁଣ୍ଡାରାଜ୍ ଚାଲିଛି ନେଇ ପ୍ରଶ୍ନ ଉଠାଇଛନ୍ତି ଶ୍ରୀ ପଟ୍ଟନାୟକ । ବିଜେଡିର ଅଭିଯୋଗ ଅନୁଯାୟୀ, ଗଡମଧୁପୁର ପଞ୍ଚାୟତରେ ଜନ ସମ୍ପର୍କ ପଦ ଯାତ୍ରା ପାଇଁ ଗାଁ କୁ ଗାଁ ବୁଲୁଥିବା ସମୟରେ ୩୦ରୁ ୪୦ ଜଣ ଆକ୍ରମଣ କରିଥିଲେ । ସେମାନଙ୍କ ଆକ୍ରମଣରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡି ସହିତ ଆଉ ଦୁଇଟି ଗାଡି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସେମାନେ ପ୍ରଣବ ଓ ତାଙ୍କ ସମର୍ଥକମାନଙ୍କୁ ଅସଦାଚରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି ।

**'ଦମନ' ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ କଡ଼ା ପଦକ୍ଷେପ**

# ୧,୪୪୮ ଏନବିଡବ୍ଲୁ କାର୍ଯ୍ୟକାରୀ, ୧୭୦୭ ଅବକାରୀ ମାମଲା ଓ ୮୯ ଏନପିଡିଏସ ମାମଲା

ଭୁବନେଶ୍ୱର,୪।୧୦(ମହାଭାରତ); ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି, ଶୃଙ୍ଖଳା ଓ ନିରାପତ୍ତା ସୁନିଶ୍ଚିତ କରିବା ସହ ବେଆଇନ ନିଶାଦ୍ରବ୍ୟ ଓ ମଦ କାରବାର ଉପରେ ରୋକ୍ ଲଗାଇବା ଉଦ୍ଦେଶ୍ୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପୋଲିସ, କମିଶନରେଟ ପୋଲିସ, ରେଳବାଇ ପୋଲିସ ଓ ଅନ୍ୟାନ୍ୟ ପୋଲିସ ୟୁନିଟ ଗୁଡିକର ମିଳିତ ସମନ୍ୱୟରେ ସେପ୍ଟେମ୍ବର ୨୧ରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଚାଲିଥିଲା ।

ଏହି ଅଭିଯାନରେ ଅପରାଧୀ ଓ ଅସାମାଜିକଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୧,୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ବିଏନଏସଏସ ଧାରା ୧୨୯ ଅନୁଯାୟୀ ୧,୦୧୨ ଜଣଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇଛି ।

ସେହିପରି ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ୮୯ଟି ଏନପିଡିଏସ ମାମଲା ରୁଜୁ କରାଯାଇ ୧୦୯ ଜଣଙ୍କୁ ଗିରଫ କରାଯାଇଛି । ଏହି ସମୟ ମଧ୍ୟରେ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ ଜବତ ହୋଇଛି ।ଏଥିସହ ୧୯,୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା ବେଳେ ୩୯୪.୬୪୫ ଗ୍ରାମ୍ ବ୍ରାଉନ୍ ସୁଗାର ଓ ୧,୦୬୬ଟି କଫ୍ ସିରପ୍ ବୋତଲ ଜବତ କରାଯାଇଛି ।



ସେହିପରି ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ୧,୭୦୭ଟି ମାମଲା ରୁଜୁ କରାଯାଇ ୧୪୦ ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ୧୦,୨୯୮.୨୪ ଲିଟର ଚୋରା ଦେଶୀ ମଦ, , ୨,୯୨୨.୪୦୯ ଲିଟର ବିଦେଶୀ ମଦ, ୧,୦୯୨.୫୪ ଲିଟର ଆସ୍କା-୪୦ ଜବତ କରାଯାଇଛି । ଏଥିସହ ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ମଧ୍ୟ ଜବତ ହୋଇଛି ।

ଏହାବ୍ୟତୀତ ଜୁଆ କାରବାର ବିରୋଧରେ ୪୬ଟି ମାମଲା ରୁଜୁ କରାଯାଇ ୬୭ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୪,୩୬,୦୮୬ ଟଙ୍କା ଜବତ ହୋଇଛି । ସେହିପରି ବଳପୂର୍ବକ ଚାନ୍ଦା ଆଦାୟ ବିରୋଧରେ ୧୬ଟି ମାମଲା ରୁଜୁ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ୧୦,୫୨୦ ଟଙ୍କା ଜବତ କରାଯାଇଛି ।ଏହାବ୍ୟତୀତ ବେଆଇନ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି । ଏଥିରେ ୫ଟି ବନ୍ଧୁକ, ଗୋଟିଏ ରିଭଲଭର, ୪ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ଟି ଖାଲି କାର୍ଟ୍ରିଜ୍, ୨.୫ କେଜି ବାରୁଦ ଓ ୨ଟି ଖଣ୍ଡା ଜବତ ହୋଇଛି ।ସେହିପରି ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି ।ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ ନଜର ରଖିବା ସହ ବେଆଇନ ନିଶାଦ୍ରବ୍ୟ, ମଦ, ଅସ୍ତ୍ର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଚାଲାଣ ରୋକିବା ପାଇଁ ରାଜ୍ୟରେ ୧,୮୩୦ଟି ବ୍ଲକିଂ ଓ ବର୍ଡର ସିଲିଂ ଅପରେସନ୍ କରାଯାଇଥିଲା । ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ ଯାଂଚକୁ ଜୋରଦାର କରାଯାଇଥିଲା ।ପାର୍ବଣ ସମୟରେ ରାଜ୍ୟବାସୀଙ୍କ ଶାନ୍ତି, ସୁରକ୍ଷା ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ଓ ପ୍ରତିଷେଧମୂଳକ ପୋଲିସିଂକୁ ଆହୁରି ସୁଦୃଢ଼ କରିବା ପାଇଁ ପୋଲିସର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ଜାରି ରହିବ ବୋଲି ଡିଜିପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



## ଗୀତା ମାହାତ୍ମ୍ୟ: ସ୍ୱଧର୍ମ କଲ୍ୟାଣକର



ଜୀବ ଅନାସକ୍ତ ହୋଇ ଈଶ୍ୱରଙ୍କଠାରେ ସମସ୍ତ କର୍ମ ଅର୍ପଣ କରି କର୍ମ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେବା ସହ ପ୍ରକୃତିର ନୀତି ନିୟମ ଅନୁସାରେ ନିଜ ଧର୍ମ ପାଳନ କରିବାକୁ ଉପଦେଶ ଦେଇଛନ୍ତି । ଯେଉଁ ମଣିଷ ଦୋଷଦୃଷ୍ଟି ରହିତ ହୋଇ ଶ୍ରଦ୍ଧାଯୁକ୍ତ ଓ ଅନାସକ୍ତ ଭାବେ କର୍ମ କରେ ସେ କର୍ମବନ୍ଧନରୁ ମୁକ୍ତି ପାଇ ପାରିବ । କିନ୍ତୁ ଯେଉଁ ମନୁଷ୍ୟ ଈଶ୍ୱରଙ୍କ ଠାରେ ଦୋଷାରୋପ କରି ଅନାସକ୍ତ ଭାବେ କର୍ମ ନକରି କର୍ମଫଳକୁ ଆଖିରେ ରଖି କର୍ମକରନ୍ତି ସେ ବ୍ୟକ୍ତି ନଷ୍ଟ ହୋଇଯାଆନ୍ତି ବୋଲି ଭଗବାନ କହିଛନ୍ତି । ଆସକ୍ତିଯୁକ୍ତ ମନୁଷ୍ୟକୁ ମୂର୍ଖ ଓ ମୂଢ଼ ବୋଲି ମଧ ଭଗବାନ ମତ ଦେଇଛନ୍ତି। ସମସ୍ତ ବ୍ୟକ୍ତି ନିଜ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରନ୍ତି । କିନ୍ତୁ ଜ୍ଞାନବାନ୍ ବ୍ୟକ୍ତିମାନେ ନିଜ ପ୍ରକୃତି ଅନୁସାରେ କର୍ମ କରନ୍ତି । ଇନ୍ଦ୍ରିୟ ମଧ୍ୟରେ ରୋଗ ଓ ଦ୍ୱେଷ ଲୁଚି ରହିଥିବାରୁ ମନୁଷ୍ୟ ଇନ୍ଦ୍ରିୟ କବଳରୁ ମୁକ୍ତ ହେବା ସହ ରୋଗ ତଥା ଦ୍ୱେଷରୁ ମୁକ୍ତ ରହିବା ଆବଶ୍ୟକ । କାରଣ ରୋଗ ଓ ଦ୍ୱେଷ ମନୁଷ୍ୟର କଲ୍ୟାଣମାର୍ଗରେ ବିଘ୍ନ ସୃଷ୍ଟିକରେ ଓ ଏହା ମଣିଷର ବିରାଟ ଶତ୍ରୁ ବୋଲି ଭଗବାନ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ଏହା ସହ କହିଛନ୍ତି: ସ୍ୱଧର୍ମ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହ ଅର୍ଥାତ୍ ଅନ୍ୟର ଧର୍ମଠାରୁ ନିଜ ଧର୍ମ ଗୁଣରହିତ ହେଲେ ମଧ ସ୍ୱଧର୍ମ ଅଧିକ ମଙ୍ଗଳକାରୀ । ସ୍ୱଧର୍ମ ପାଳନରେ ମୃତ୍ୟୁ ବି କଲ୍ୟାଣକର କିନ୍ତୁ ଅନ୍ୟଧର୍ମ ଭୟାବହ ବା ଭୟଙ୍କର କ୍ଷତିକାରକ ବୋଲି ଭଗବାନ ମତ ଦେଇଛନ୍ତି । ବ୍ୟାଖ୍ୟା କଲେ ଏହା ସ୍ପଷ୍ଟ ଯେ, ନିଜ କର୍ମ ସବୁ ସମୟରେ କଲ୍ୟାଣଜନକ ଓ ଅନ୍ୟର କର୍ମକୁ ଲୋଭ, ମୋହବଶତଃ ଅପଣେଇ ନେବା ଭୟାବହ ବା କ୍ଷତିକାରକ । ଭଗବାନଙ୍କର ଏପରି କଥା ଶୁଣି ଅର୍ଜୁନ ପ୍ରଶ୍ନ କଲେ, ମନୁଷ୍ୟ ସ୍ୱୟଂ ଇଚ୍ଛା ନକରି ବି କାହାଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ଭଗବାନ ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ ଯେ, 'ରଜୋଗୁଣରୁ ଉତ୍ପନ୍ନ ହୁଏ କାମ ଓ କ୍ରୋଧ । ଯେତେ ଭୋଗ କଲେ ବି କାମ ବା କାମନାର ବିନାଶ ହୁଏନାହିଁ । ତେଣୁ ଏହି କାମ ବା କାମନା ହିଁ ମଣିଷର ଆଉ ଏକ ବଡ଼ ଶତ୍ରୁ ଅଟେ' । ଏଥିସହ ଭଗବାନ ଅର୍ଜୁନଙ୍କୁ ପୁନର୍ବାର କହିଛନ୍ତି, 'ଅଗ୍ନି ଯେପରି ଧୂଆଁ ଦ୍ୱାରା, ଦର୍ପଣ ଧୂଳି ଦ୍ୱାରା ଓ ଗର୍ଭ ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ ସେହିପରି ଜ୍ଞାନ, କାମ ବା କାମନା ଦ୍ୱାରା ଆବୃତ ହୋଇ ରହିଥାଏ' । 'ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବାସସ୍ଥାନ ହୋଇଥିବାରୁ ମନ, ବୁଦ୍ଧି ଏବଂ ଇନ୍ଦ୍ରିୟ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରିଥାଏ । ଇନ୍ଦ୍ରିୟ ସ୍ଥୂଳ ଶରୀରଠାରୁ ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ହୋଇଥିବା ବେଳେ ଇନ୍ଦ୍ରିୟଙ୍କ ଠାରୁ ମନ ଶ୍ରେଷ୍ଠ, ମନ ଠାରୁ ବୁଦ୍ଧି ଶ୍ରେଷ୍ଠ ଏବଂ ବୁଦ୍ଧି ଠାରୁ ଆତ୍ମା ଶ୍ରେଷ୍ଠ ହୋଇଥିବାରୁ ବୁଦ୍ଧି ଦ୍ୱାରା ମନକୁ ବଶ କରି କାମ ବା କାମନା ରୂପକ ଦୁର୍ଜୟ ଶତ୍ରୁକୁ ମାରିଦେବା ଉଚିତ' । ତେଣୁ ଇନ୍ଦ୍ରିୟ ଦ୍ୱାରା ବଶବର୍ତ୍ତୀ ହୋଇ ରହିଥିବା କାମନା, ଆସକ୍ତି, ମନକୁ ଜୟ କରି ନିରାସକ୍ତ ଭାବେ ନିଜ କର୍ତ୍ତବ୍ୟ କରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପରାମର୍ଶ ଦେଇଛନ୍ତି ।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍‌ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

## ପରିବାରରେ ହସଖୁସି ବଜାୟ ରଖେ ଏହି ଉପାୟ

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁ। ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାର ରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

## କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି



କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସନ୍ନ୍ୟାସ ଯୋଗ ସମ୍ପର୍କରେ ବୁଝାଇବା ପରେ ବି ଅର୍ଜୁନଙ୍କ ବିଷାଦ ଦୂର ହୋଇନାହିଁ । ଏହାପରେ ଭଗବାନ ତାଙ୍କୁ ଆତ୍ମସଂଯମଯୋଗ ସମ୍ପର୍କରେ ବୁଝାଇବାକୁ ଚାହିଁଛନ୍ତି । କହିଛନ୍ତି, 'ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି ନିର୍ଦ୍ଧାରିତ କର୍ମ କରନ୍ତି ସେ ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହଁନ୍ତି କି କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି । ସଂକଳ୍ପ ତ୍ୟାଗ କରିନଥିବା କୌଣସି ବି ପୁରୁଷ ଯୋଗୀ ହୋଇପାରେ ନାହିଁ । କିନ୍ତୁ ଯେଉଁମାନେ ନିଷ୍କାମ ଭାବରେ କର୍ମ କରି ଚାଲନ୍ତି ସେମାନେ ଯୋଗାରୁଢ଼ । ଆଉ କୌଣସି ବ୍ୟକ୍ତି ଯୋଗାରୂଢ ହୋଇଯିବା ପରେ ତାଙ୍କ ମନରେ ସର୍ବସଂକଳ୍ପ ଶୂନ୍ୟତା ଆସିଥାଏ ଏବଂ ତାହା ତାଙ୍କ ପାଇଁ କଲ୍ୟାଣକର ହୋଇଥାଏ । ଏହି ଯୋଗାରୂଢ ପୁରୁଷମାନେ ଇନ୍ଦ୍ରିୟଭୋଗ ଓ କର୍ମମାନଙ୍କରେ ଆସକ୍ତ ହୁଅନ୍ତି ନାହିଁ ।' ଏହାସହ ଭଗବାନ ମଧ କହିଛନ୍ତି ଯେ, 'ମନୁଷ୍ୟ ନିଜକୁ ନିଜେ ଅଧୋଗତିରେ ନପକାଇ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ସେ ନିଜେ ନିଜର ମିତ୍ର ଓ ନିଜେ ନିଜର ଶତ୍ରୁ ଅଟେ । ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛି ସେ ନିଜର ମିତ୍ର ଓ ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ତଥା ଶରୀରକୁ ଜୟ କରିପାରି ନାହିଁ ସେ ନିଜର ଶତ୍ରୁ ପରି ଆଚରଣ କରେ । ସେହିପରି ଶୀତ-ଉଷ୍ମ, ସୁଖ-ଦୁଃଖ ଓ ମାନ-ଅପମାନରେ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତ ରହନ୍ତି ସେହି ସ୍ୱାଧୀନ-ଆତ୍ମବିଶିଷ୍ଟ ପୁରୁଷଙ୍କ ନିକଟରେ ପରମାତ୍ମା ଅବସ୍ଥାନ କରନ୍ତି ଏବଂ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ରହେନାହିଁ । ଯାହାଙ୍କ ଅନ୍ତଃକରଣ ଈଶ୍ୱରଙ୍କ ଜ୍ଞାନରେ ତୃପ୍ତ, ଯାହାଙ୍କ ସ୍ଥିତି ବିକାର ଶୂନ୍ୟ ଓ ଯାହାଙ୍କ ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି ତାଙ୍କ ପାଇଁ ମାଟି, ପଥର, ସୁନା ସମାନ ହୋଇଥାଏ ତାଙ୍କର ଭଗବତପ୍ରାପ୍ତ ଯୋଗ ହୋଇଥାଏ । ସେହିପରି ସୁହୃଦ(ସ୍ୱାର୍ଥରହିତ ହୋଇ ସମସ୍ତଙ୍କ ହିତ କରୁଥିବା ବ୍ୟକ୍ତି), ମିତ୍ର, ଶତ୍ରୁ, ଉଦାସୀନ(ପକ୍ଷପାତ ରହିତ ବ୍ୟକ୍ତି), ମଧ୍ୟସ୍ଥ (ଉଭୟ ପକ୍ଷର ମଙ୍ଗଳକାମୀ), ବନ୍ଧୁଗଣ, ଧର୍ମାତ୍ମା, ପାପୀଙ୍କ ଠାରେ ସମାନ ଭାବ ରଖିଥିବା ବ୍ୟକ୍ତି ସଂସାରରେ ଶ୍ରେଷ୍ଠ ବୋଲି ମଧ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି। ଯୋଗ କିପରି କରାଯାଏ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ କହିଛନ୍ତି ଯେ, 'ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା, ଆଶାରହିତ ଓ ସଂଗ୍ରହ-ଇଚ୍ଛାଶୂନ୍ୟ ଯୋଗୀ ଏକାନ୍ତରେ ରହି ଆତ୍ମାକୁ ନିରନ୍ତର ଭାବରେ ପରମାତ୍ମା ପ୍ରାପ୍ତି ପାଇଁ ଲଗାଇବା ଉଚିତ । ଶୁଦ୍ଧଭୂମି ଉପରେ କ୍ରମଶଃ କୁଶଃ ପକାଇ, କୁଶଃ ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚ ବା ନିଚା ନକରି ସେହି ଆସନ ଉପରେ ବସି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରି, ମନକୁ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧି ପାଇଁ ଯୋଗାଭ୍ୟାସ କରିବା ଉଚିତ । ଯୋଗାଭ୍ୟାସ ସମୟରେ ଶରୀର, ଶୀର ଏବଂ ଗ୍ରୀବା ସଳଖ ଓ ଅଚଳ ରଖି ଏବଂ ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟଆଡ଼େ ନଚାହିଁ ବ୍ରହ୍ମଚର୍ଯ୍ୟବ୍ରତରେ ରହି, ଭୟରହିତ ହୋଇ ଶାନ୍ତ ଭାବରେ ମନ ସଂଯତ କରି ଈଶ୍ୱର(ମୋତେ)ଙ୍କ ଧ୍ୟାନ କରିଲେ ଈଶ୍ୱରପ୍ରାପ୍ତ ହୁଅନ୍ତି ।'

## ବର୍ଷା ଦିନେ ହାତ-ଗୋଡ଼ ଯନ୍ତ୍ରଣା ହେଉଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ

ବର୍ଷା ଓ ଶୀତ ଦିନରେ ହାତ ଏବଂ ଗୋଡ଼ରେ ଯନ୍ତ୍ରଣା ବଢ଼ି ଯାଇଥାଏ। କମ୍ ବୟସର ଲୋକଙ୍କ କ୍ଷେତ୍ରରେ ମଧ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଭିଟାମିନ୍ ଡି ଏବଂ କ୍ୟାଲସିୟମର ଅଭାବ। ଏହି ଦୁଇ ଉପାଦାନରୁ ଅଭାବରୁ ଗଣ୍ଠି ଯନ୍ତ୍ରଣ ସାଙ୍ଗକୁ ହାତ ଓ ଗୋଡ଼ରେ ଦରଜ ହୋଇଥାଏୟ। ତେବେ କେଉଁ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିପାରିବେ, ଜାଣନ୍ତୁ... ଭିଟାମିନ୍ ଡି ଏବଂ କ୍ୟାଲସିୟମ୍ ଭରପୂର ଖାଦ୍ୟ



କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ- ଶରୀରକୁ ସୁସ୍ଥ ରଖିବା ପାଇଁ କ୍ଷୀର ସର୍ବୋତ୍ତମୟ କ୍ଷୀରରେ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଚୁର ପରିମାଣରେ ମିଳିଥାଏ। ଗାଈ କ୍ଷୀରରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ। ଫଳ ଏବଂ କମଳା- କମଳାରୁ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମିଳିଥାଏୟ। ଦୈନିକ ଗୋଟିଏ କିମ୍ବା ଦୁଇଟି କମଳା ଖାଇବା ଦ୍ୱାରା ହାତ ଗୋଡ ଯନ୍ତ୍ରଣା ଦୂର ହୋଇପାରିବ। ଏହା ବ୍ୟତୀତ ଅନ୍ୟାନ୍ୟ ଫଳ ଜୁସ୍ ମଧ ପିଇପାରିବେ। ସବୁଜ ପତ୍ରଯୁକ୍ତ ପନିପରିବା- ଫାଷ୍ଟ୍ ଫୁଡ୍ ଏବଂ ଅନ୍ୟାନ୍ୟ ପ୍ରୋସେସ୍ଡ ଫୁଡକ୍ ବାଦ୍ ଦେଇ ଡାଏଟରେ ସବୁଜ ପତ୍ରଯୁକ୍ତ ପନିପରିବାକୁ ଅନ୍ତର୍ଭୁକ୍ତ କରନ୍ତ। ଏହା ଶରୀରକୁ କ୍ୟାଲସିୟମ, ଆଇରନ୍ ଏବଂ ଭିଟାମିନ୍ ଡି ଭଳି ଅତ୍ୟାବଶ୍ୟକ ପୋଷକ ତ□ ଯୋଗାଇଥାଏ। ଅସ୍ଥି ଯନ୍ତ୍ରଣାର ସମସ୍ୟା ଏବଂ ଶରୀରକୁ ସୁସ୍ଥ ରଖିବାରେ ମଧ ସାହାଯ୍ୟ କରିଥାଏ ସବୁଜ ପତ୍ରଯୁକ୍ତ ପନିପରିବା। ସୋୟାବିନ୍- ବିଶେଷ କରି ଶାକାହାରୀ ବ୍ୟକ୍ତିଙ୍କର କ୍ୟାଲସିୟମ ଅଭାବ ଦେଖାଯାଏୟ ସେମାନଙ୍କ ପାଇଁ ସୋୟାବିନକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏୟ ଏଥିରୁ ଭିଟାମିନ୍ ଡି ମଧ ଭରପୂର ପରିମାଣରେ ମିଳିଥାଏୟ ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍ସ ଏବଂ ସିଡ୍ସ ମଧ ଖାଇପାରିବେୟ। ଅଣ୍ଡା- ଅଣ୍ଡା ହେଉଛି ପ୍ରୋଟିନର ଗନ୍ତାଘର। ଏହା ବ୍ୟତୀତ ଭିଟାମିନ୍ ବି୧୨, କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମଧ ଅଣ୍ଡାରୁ ମିଳିଥାଏୟ ଅଣ୍ଡା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ। ପ୍ରତ୍ୟେହ ଗୋଟିଏ କିମ୍ବା ଦୁଇଟି ଅଣ୍ଡା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଭିଟାମିନ୍ ଡିର ଅଭାବ ଦୂର ହୋଇପାରିବ।

ନଗରନକ୍ସା
ମହାନଗରର ନିଜ ଭାଷା



# ଖରାପ ରାସ୍ତାର ତୁରନ୍ତ ମରାମତି ନିର୍ଦ୍ଦେଶ



ଭୁବନେଶ୍ୱର,୪।୧୦ (ମହାଭାରତ): ଚଳିତ ବର୍ଷ ହୋଇଥିବା ବ୍ୟାପକ ବର୍ଷା ଯୋଗୁଁ ରାଜ୍ୟର ଅନେକ ରାସ୍ତାଘାଟ ଖରାପ ପରିସ୍ଥିତିକୁ ଚାଲିଆସିଛି । ଏପରିକି ଭୂସ୍ଖଳନ ଏବଂ ବନ୍ୟା ପରିସ୍ଥିତି ଯୋଗୁଁ ବହୁ ରାସ୍ତା ନଷ୍ଟ ହେବା ସହ ଧୋଇ ଯାଇଛି । ତେବେ ଏହି ପରିସ୍ଥିତିର ଦୃଢ଼ ମୁକାବିଲା କରିବା ଏବଂ ନଷ୍ଟ ହୋଇଯାଇଥିବା ରାସ୍ତାର ତୁରନ୍ତ ମରାମତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନଖରା-ନିଆଳି ରାସ୍ତା, ଅଡ଼ଶପୁର-ଜଗତସିଂହପୁର ରାସ୍ତା, କଳିଙ୍ଗା ଘାଟି ରାସ୍ତା ସମେତ କୋରାପୁଟ, ଭଦ୍ରକ, ବାଲେଶ୍ୱର, କଟକ ଟାଉନ୍, ଗଞ୍ଜାମ, ସମ୍ବଲପୁର, କେଉଁଝର, ପାରାଦୀପ ଆଦି ରାଜ୍ୟର ବିଭିନ୍ନ ଅଂଚଳରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାର ମରାମତି ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟବାସୀଙ୍କୁ ଉତମ ସଡ଼କ ପଥ ଯୋଗାଇ ଦେବା ଆମର ନୈତିକ ଦାୟିତ୍ୱ ଏବଂ ଏଥିରେ କୌଣସି ପ୍ରକାର ସାଲିସ୍ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଥିଲେ । ଏଥି ସହିତ ରାଜ୍ୟର କିଛି ସ୍ଥାନରେ ରାସ୍ତାର ସ୍ଥିତି ଖରାପ ହୋଇଥିବା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ତୁରନ୍ତ ଏହି ରାସ୍ତାର ମରାମତି ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀମାନେ ନିୟମିତ ଭାବେ ନିଜ ଅଧିନରେ ଥିବା ରାସ୍ତାର ସ୍ଥିତି ଯାଂଚ କରି ପ୍ରତି ୧୫ ଦିନରେ ରିପୋର୍ଟ ପ୍ରଦାନ କରିବେ । ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଉପସ୍ଥିତ ରହି କାର୍ଯ୍ୟର ଗୁଣବତା ଯାଂଚ କରିବେ। ଏଥି ସହିତ କାର୍ଯ୍ୟର ଗୁଣବତା କ୍ଷେତ୍ରରେ ଖରାପ ପ୍ରଦର୍ଶନ କରୁଥିବା ଠିକା ସଂସ୍ଥା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀ ତଥା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଟେଣ୍ଡର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ପରାମର୍ଶ ଦେବା ସହ ଓ୍ୱମିସ୍ ସଫଟେୱ୍ୟାରକୁ ଅଧିକ ଦକ୍ଷ ଓ ଉପଯୋଗୀ କରିବା ପାଇଁ ବିଭିନ୍ନ ଉପକ୍ରମ ଯୋଡ଼ିବା ଉପରେ ଆଲୋଚନା କରିଥିଲେ । ଫାଇଲ୍ ପ୍ରକ୍ରିୟା ଯେପରି ଅଯଥା ବିଳମ୍ବିତ ନହେବ, ସେ ନେଇ ଅଧିକାରୀମାନେ ଧ୍ୟାନ ଦେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ପରାମର୍ଶ ଦେଇଥିଲେ। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ସମୀର ହୋତା, ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ବିତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ରତୀକାନ୍ତ ମହାପାତ୍ରଙ୍କ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ ଓ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଜୋନ୍ ର ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନେ ଉଭୟ ପ୍ରତ୍ୟକ୍ଷ ଓ ଆଭାସି ମାଧ୍ୟମରେ ଯୋଗଦେଇଥିଲେ।

# ରେଳ ସୁରକ୍ଷା କମିଶନରଙ୍କ ରେଳ ଲାଇନ୍ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର,୪।୧୦ (ମହାଭାରତ): ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର ସୁମିତ ସିଂଘଲ ବୁଧବାର ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ପ୍ରକଳ୍ପ ଅନ୍ତର୍ଗତ ନବନିର୍ମିତ ପୁରୁଣାକଟକ-ଚାରିଛକ ସେକ୍ସନ ନିରୀକ୍ଷଣ କରିଛନ୍ତି। ଏହି ନିରୀକ୍ଷଣରେ ୧୩.୩୫ କିଲୋମିଟର ନୂତନ ରେଳପଥ ସାମିଲ ଥିଲା ଏବଂ ଏହି ସେକ୍ସନରେ ନିର୍ମିତ ବିଭିନ୍ନ ନିରାପତା ବ୍ୟବସ୍ଥା ଓ ଭିତିଭୂମି ସୁବିଧା ଗୁଡିକ ପୁଙ୍ଖାନୁପୁଙ୍ଖ ଯାଂଚ କରାଯାଇଥିଲା। ପୁରୁଣାକଟକ-ଚାରିଛକ ସେକ୍ସନକୁ କାର୍ଯ୍ୟକ୍ଷମ କରିବା ଦିଗରେ ଏହି ଯାଂଚ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ଓଡ଼ିଶାର ଆଭ୍ୟନ୍ତରୀଣ ଅଂଚଳକୁ ରେଳ ସଂଯୋଗ ଆହୁରି ବିସ୍ତାରିତ ହେବ। ଯାଂଚ ସମୟରେ ରେଳ ସୁରକ୍ଷା କମିଶନର ରେଳପଥ, ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସେତୁ, ଭାୟାଡକ୍ଟ, ସୁଡ଼ଙ୍ଗ ଏବଂ ଅନ୍ୟାନ୍ୟ ନିରାପତା ସମ୍ବନ୍ଧୀୟ ବ୍ୟବସ୍ଥା ଯାଂଚ କରିଥିଲେ। ନବନିର୍ମିତ ରେଳପଥର ପ୍ରସ୍ତୁତି ଓ ନିରାପତା ଆକଳନ ପାଇଁ ସେ ଚାରିଛକରୁ ପୁରୁଣାକଟକ ଷ୍ଟେସନ୍ ମଧ୍ୟରେ ସ୍ପିଡ୍ ଟ୍ରାଏଲ୍ ରନ୍ ମଧ କରିଥିଲେ। ଏହି ସେକ୍ସନର ଏକ ପ୍ରମୁଖ ଇଞ୍ଜିନିୟରିଂ ବୈଶିଷ୍ଟ୍ୟ ହେଉଛି ୧,୯୭୫ ମିଟର ଲମ୍ବର ଟି-୭ ସୁଡ଼ଙ୍ଗ, ଯାହା ଦୁର୍ଗମ ଭୂଭାଗ ଦେଇ ନିର୍ମାଣ କରାଯାଇଛି। ଏହି ସେକ୍ସନରେ ପ୍ରାୟ ୧.୯ କିଲୋମିଟର ମୋଟ ଲମ୍ବର ଦୁଇଟି ପ୍ରମୁଖ ଭାୟାଡକ୍ଟ ମଧ ରହିଛି। ଏହା ବ୍ୟତୀତ, ଏହି ସେକ୍ସନରେ ଗୋଟିଏ ପ୍ରମୁଖ ସେତୁ ରହିଛି, ଯାହା ଏକ ରୋଡ୍ ଓଭର ବ୍ରିଜ୍। ନବନିର୍ମିତ ଏହି ସେକ୍ସନରେ ଆଧୁନିକ ରେଳ ଭିତିଭୂମି ଓ ନିରାପତା ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି। ଏଥିରେ ସିଗନାଲିଂ ଓ ଟେଲିକମ୍ୟୁନିକେସନ୍ ବ୍ୟବସ୍ଥା, ସୁଦୃଢ଼ ରେଳପଥ ଭିତିଭୂମି ଏବଂ ନିରାପଦ ଓ ସୁଚାରୁ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକ ଅନ୍ୟାନ୍ୟ ନିରାପତା ବ୍ୟବସ୍ଥା ସାମିଲ ରହିଛି। ନିର୍ମାଣ ସଂଗଠନର ଅଧିକାରୀଙ୍କ ସମେତ,ପୂର୍ବ ତଟ ରେଳପଥର ବରିଷ୍ଠ ଅଧିକାରୀମାନେ, ରେଳ ସୁରକ୍ଷା କମିଶନର ଟିମ୍ କୁ ଯାଂଚ ସମୟରେ ସହଯୋଗ କରିଥିଲେ।

# ଆଇଆଇଟିରେ ଓଡ଼ିଆପ୍ରେନ୍ୟୁର୍ ୩.୦ ହାକାଥନ୍

ଭୁବନେଶ୍ୱର,୪।୧୦ (ମହାଭାରତ): ନିଜ ଅଂଚଳର ସମସ୍ୟାକୁ ଚିହ୍ନଟ କରି ନୂଆ ଚିନ୍ତାଧାରା ଓ ପ୍ରଯୁକ୍ତିର ସହାୟତାରେ ତାହାର ସମାଧାନ ଖୋଜିବେ ଓଡ଼ିଶାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ। ଏହି ଲକ୍ଷ୍ୟ ନେଇ ଆୟୋଜିତ ରାଜ୍ୟସ୍ତରୀୟ ହାକାଥନ୍ 'ଓଡ଼ିଆପ୍ରେନ୍ୟୁର୍ ୩.୦' ବୁଧବାର ଆଇଆଇଟି ଭୁବନେଶ୍ୱର ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ରାଜ୍ୟର ୧୦୧ଟି ସ୍କୁଲ୍ ?ର ୧୯୨ ଜଣ ଛାତ୍ରଛାତ୍ରୀ ନିଜର ଅଭିନବ ଚିନ୍ତାଧାରା ଓ ସମାଧାନ ଉପସ୍ଥାପନ କରୁଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଶ୍ରୀମତୀ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଶସ୍ମିତା ମାଳି, ଉପନିର୍ଦ୍ଦେଶିକା ଶ୍ରୀମତୀ ସିଏଚ୍. ବିଜୟଲକ୍ଷ୍ମୀ, ୟୁନିସେଫ୍ ଓଡ଼ିଶାର ରାଜ୍ୟ ମୁଖ୍ୟ ଶ୍ରୀମତୀ ଲଳିତା ପଟ୍ଟନାୟକ, ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରସିପ୍ ପାର୍କର ସିଇଓ ଶ୍ରୀ ଶୁଭଙ୍କର ପତି ଏବଂ ଆଇଆଇଟି ଭୁବନେଶ୍ୱରର ଡିନ୍, ଫାକଲ୍ଟି ଆଫେୟାର୍ସ ପ୍ରଫେସର ଉମାପ୍ରସନ୍ନ ଓଝା ଉପସ୍ଥିତ ଥିଲେ।

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର, ୟୁନିସେଫ୍ ଓଡ଼ିଶା ଏବଂ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରେନ୍ୟୁରସିପ୍ ପାର୍କର ମିଳିତ ଉଦ୍ୟମରେ ଏହି ପଦକ୍ଷେପ ଆୟୋଜିତ ହେଉଛି। ଉଚ୍ଚ ମାଧ୍ୟମିକ ସ୍ତରରେ ସୃଜନଶୀଳତା, ନୂଆ କିଛି କରିବାର ଆଗ୍ରହ, ସମସ୍ୟା ସମାଧାନର ଦକ୍ଷତା ଏବଂ ଉଦ୍ୟୋଗୀ ମନୋଭାବ ବିକଶିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। 'ଓଡ଼ିଆପ୍ରେନ୍ୟୁର୍ ୩.୦' ପାଇଁ ରାଜ୍ୟର ବିଭିନ୍ନ ସ୍କୁଲ୍ ରୁ ୯୭୯ଟି ଆଇଡିଆ ମିଳିଥିଲା। ସେଥିରୁ ୭୪୯ଟି ଜିଲ୍ଲାସ୍ତରୀୟ ପର୍ଯ୍ୟାୟ ପାଇଁ ଚୟନ ହୋଇଥିଲା। ଏହି ପ୍ରକ୍ରିୟା ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ଚାରିପାଖର ବାସ୍ତବ ସମସ୍ୟାକୁ ଚିହ୍ନଟ କରି ସେଗୁଡ଼ିକର ବ୍ୟବହାରିକ, ଅଭିନବ ଓ ପ୍ରଯୁକ୍ତିଭିତିକ ସମାଧାନ ବିକଶିତ କରିବାର ସୁଯୋଗ ପାଉଛନ୍ତି।

ଏହି ଅବସରରେ ଶ୍ରୀମତୀ ନିୟତି ପଟ୍ଟନାୟକ କହିଛନ୍ତି, "ଯୁବପିଢ଼ିକୁ ଯେତେବେଳେ ଏକ ମଂଚ, ଠିକ୍ ମାର୍ଗଦର୍ଶନ ଏବଂ ବାସ୍ତବ ସମସ୍ୟାର ସମାଧାନ ପାଇଁ ସୁଯୋଗ ମିଳେ, ସେମାନଙ୍କ ଚିନ୍ତାଧାରା ହିଁ ସାର୍ଥକ ପରିବର୍ତନର ଆରମ୍ଭ ହୋଇପାରେ।" ହାକାଥନ୍ ରେ ପ୍ରାୟ ୧୦୦ ଜଣ ମେଂଟରଙ୍କ ମାର୍ଗଦର୍ଶନରେ ଯୁବ ଅଂଶଗ୍ରହଣକାରୀମାନେ ନିଜ ଚିନ୍ତାଧାରାକୁ ଅଧିକ ଉନ୍ନତ କରୁଛନ୍ତି। ଲକ୍ଷ୍ୟ କେବଳ ଏକ ଚିନ୍ତାଧାରା ଉପସ୍ଥାପନରେ ସୀମିତ ନୁହେଁ; ଏହାକୁ ଏକ ପ୍ରୋଟୋଟାଇପ୍ ରେ ପରିଣତ କରି ଆଗକୁ ନେବା ପାଇଁ ମେଂଟରିଂ, ଇନ୍‌କ୍ୟୁବେସନ୍ ଓ ବୈଷୟିକ ସହାୟତାର ସୁଯୋଗ ସୃଷ୍ଟି କରିବା ମଧ ଏହି ପଦକ୍ଷେପର ଅଂଶ।

# ବନ୍ୟା ପ୍ରଭାବିତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୪।୧୦ (ମହାଭାରତ): ରାଜୀବ ଭବନସ୍ଥିତ ଏସଇଓସିଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହିତ ସୁବିସ୍ତୃତ ଆଲୋଚନା କରି ଲଗାଣ ବର୍ଷା ତଥା ବନ୍ୟାରେ ପ୍ରଭାବିତ ଜନସାଧାରଣଙ୍କ କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି, ଚଳିତ ବର୍ଷ ଦୀର୍ଘ ସମୟ ଧରି ଲଗାଣ ବର୍ଷା ଏବଂ ବନ୍ୟା ଯୋଗୁଁ ରାଜ୍ୟର ପ୍ରାୟ ୨୮ଟି ଜିଲ୍ଲା ଊଣାଅଧିକେ ପ୍ରଭାବିତ ହୋଇଥିବା ବେଳେ ନିକଟରେ ଗଭୀର ଅବପାତଜନିତ ବର୍ଷା ପ୍ରଭାବରେ ଦକ୍ଷିଣ ଓଡ଼ିଶା ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଚଳିତ ବର୍ଷ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସ୍ୱେଶାଲ୍ ରିଲିଫ୍ କମିଶନରଙ୍କ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଜନସାଧାରଣଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ବାବଦକୁ ୨୪୧.୩୭ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରଯାଇଥିବା ବେଳେ ନିକଟରେ ନବରଙ୍ଗପୁର ଜିଲ୍ଲାକୁ ୫ କୋଟି, ଗଞ୍ଜାମ ଏବଂ ଗଜପତି ଜିଲ୍ଲା ପାଇଁ ୨ କୋଟି ଏବଂ ଝାରସୁଗୁଡ଼ା ଜିଲ୍ଲା ପାଇଁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୧୬.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୧୧.୨୧ କୋଟି ଟଙ୍କା ଆବଣ୍ଟନ ଶେଷ ହୋଇଛି କ୍ଷ ଯାଜପୁର ଜିଲ୍ଲା ପାଇଁ ୫୨.୦୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୩୩.୮୦ କୋଟି ଟଙ୍କା ବଂଟନ ସମାପ୍ତ ହୋଇଛି । ସେହିପରି ଭଦ୍ରକ ଜିଲ୍ଲାକୁ ୬୪.୫୪ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା ବେଳେ ୪୩.୨୮ କୋଟି ଟଙ୍କା ବ୍ୟୟ ହୋଇ ସାରିଛି ।ବାଲେଶ୍ୱର ଜିଲ୍ଲା ପାଇଁ ୨୬.୯୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା ବେଳେ ପ୍ରାୟ ୫.୯୪ କୋଟି ଟଙ୍କା ଇତିମଧ୍ୟରେ କ୍ଷତିପୂରଣ ବାବଦକୁ ବ୍ୟୟ ହୋଇ ସାରିଛି କ୍ଷ ବାରମ୍ବାର ବର୍ଷା ଯୋଗୁଁ କ୍ଷୟକ୍ଷତି ଆକଳନ ଏବଂ ବାଧାପ୍ରାପ୍ତ ସୁଦ୍ଧା କ୍ଷତିପୂରଣ ପ୍ରଦାନ ତ୍ୱରାନ୍ୱିତ କରାଯାଇଛି ଏବଂ ଆଗାମୀ ଦଶହରା ପୂର୍ବରୁ ପର୍ଯ୍ୟାୟକ୍ରମେ ସମସ୍ତ ଜିଲ୍ଲାରେ କ୍ଷତିପୂରଣ ପ୍ରଦାନ ସମାପ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ବୈଠକରେ ଚଳିତ ବର୍ଷର ଦୀର୍ଘ ଦିନ ଧରି ବର୍ଷା ଏବଂ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ସମସ୍ତ ଜିଲ୍ଲା ପ୍ରଶାସନଙ୍କର ନିଷ୍ଠାପର ଦାୟିତ୍ୱ ସମ୍ପାଦନକୁ ରାଜସ୍ୱ ମନ୍ତ୍ରୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ବିପର୍ଯ୍ୟୟ ପ୍ରତିରୋଧକ ଭିତିଭୂମିର ସୁଦୃଢ଼ୀକରଣ ଦିଗରେ ସମସ୍ତ ଜିଲ୍ଲାପାଳ, ବରିଷ୍ଠ ଅଧିକାରୀ ଏବଂ ବିଷୟ ବିଶେଷଜ୍ଞ ତଥା ଅନୁଷ୍ଠାନମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ସ୍ୱେଶାଲ୍ ରିଲିଫ୍ କମିଶନର୍ ରାଜେଶ ପ୍ରଭାକର ପାଟିଲ୍, ଦକ୍ଷିଣାଂଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଏସଆରସି ପଦ୍ମନାଭ ବେହେରା ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲା ବେଳେ ଆଭାସୀ ମାଧ୍ୟମରେ ସମ୍ପୃକ୍ତ ଜିଲ୍ଲାର ଜିଲାପାଳବୃନ୍ଦ ଯୋଗ ଦେଇଥିଲେ।

# ପଂଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ସର୍ଭେ

ଭୁବନେଶ୍ୱର,୪।୧୦ (ମହାଭାରତ): ରାଜ୍ୟରେ ହେବାକୁ ଥିବା ଆଗାମୀ ପଂଚାୟତ ଓ ପୌର ନିର୍ବାଚନ-୨୦୨୭କୁ ସ୍ୱଚ୍ଛ, ନିର୍ଭୁଲ, ଅଦ୍ୟତନ, ଅବାଧ ଓ ନାଗରିକ କେନ୍ଦ୍ରିକ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣରେ ରାଜ୍ୟର ସମସ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଜିଲ୍ଲା ପଂଚାୟତ ଅଧିକାରୀ, ଆସିଷ୍ଟାଂଟ/ଡେପୁଟି କମିଶନର, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଏବଂ ବିଏଲଓ ସୁପରଭାଇଜର ମାନେ ଯୋଗଦେଇଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ନିର୍ବାଚନୀ ପ୍ରସ୍ତୁତି, ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ, କ୍ଷେତ୍ରସ୍ତରୀୟ ସର୍ଭେ, ନିର୍ବାଚନ ପରିଚାଳନା ଏବଂ ବିଭିନ୍ନ ପ୍ରଶାସନିକ ପ୍ରକ୍ରିୟା ସମ୍ପର୍କରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଓ ଦିଗଦର୍ଶନ ପ୍ରଦାନ କରାଯାଇଥିଲା।



ଅଧ୍ୟକ୍ଷୀୟ ଅଭିଭାଷଣରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢ଼ୀ ଆଗାମୀ ସାଧାରଣ ପଂଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ, ଅଦ୍ୟତନ ଏବଂ ନାଗରିକ କେନ୍ଦ୍ରିକ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ନିର୍ବାଚନ ପ୍ରକ୍ରିୟାର ପ୍ରତ୍ୟେକ ସ୍ତରରେ ସଠିକତା, ପାରଦର୍ଶିତା ଓ ଦାୟିତ୍ୱବୋଧକୁ ପ୍ରାଥମିକତା ଦେବା ସହିତ ନାଗରିକମାନଙ୍କୁ ସହଜ ଓ ସୁବିଧାଜନକ ଭାବେ ନିର୍ବାଚନୀ ସେବା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘରକୁ ଘର ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ ଓ ଅଦ୍ୟତନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟର ତାଲିକାରେ ସାମିଲ ହେବାରୁ ବାଦ ନପଡ଼ନ୍ତି, ସେଥିପାଇଁ କ୍ଷେତ୍ରସ୍ତରରେ ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଆୟୁକ୍ତ ପରାମର୍ଶ ଦେଇଥିଲେ। ଏଥିସହିତ ଭୋଟର ତାଲିକାରେ ଥିବା ନାମ, ଠିକଣା କିମ୍ବା ଅନ୍ୟାନ୍ୟ ବିବରଣୀର ତ୍ରୁଟି ସଂଶୋଧନ, ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା, ଅଯୋଗ୍ୟ କିମ୍ବା ଅନୁପସ୍ଥିତ ଭୋଟରଙ୍କ ସମ୍ପର୍କରେ ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ନେବା ଏବଂ ଭୋଟର ତାଲିକାର ଗୁଣାତ୍ମକ ମାନ ନିଶ୍ଚିତ କରିବା ଉପରେ ମଧ ଆଲୋଚନା କରାଯାଇଥିଲା । ରାଜ୍ୟ ନିର୍ବାଚନ ଆୟୁକ୍ତ କହିଥିଲେ ଯେ, ଏକ ସୁସ୍ଥ ଓ ସମାବେଶୀ ନିର୍ବାଚନ ପ୍ରକ୍ରିୟା ପାଇଁ ଭୋଟର ତାଲିକାର ସଠିକତା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ନିଜ ଅଂଚଳରେ ଘରକୁ ଘର ସର୍ଭେ କରି ଭୋଟର ତାଳିକାକୁ ଯାଞ୍ଚ କରିବା ସହିତ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ନିୟମାନୁସାରେ ତାଲିକାରେ ସାମିଲ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ। ଭୋଟର ତାଲିକାରେ ଥିବା ତ୍ରୁଟିକୁ ଚିହ୍ନଟ କରି ତାହାର ସଂଶୋଧନ, ତଥ୍ୟର ନିର୍ଭୁଲତା ଯାଂଚ ଏବଂ ନିର୍ବାଚନୀ ପ୍ରକ୍ରିୟାରେ ଯୋଗ୍ୟ ସମସ୍ତ ନାଗରିକଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଆୟୁକ୍ତ ଗୁରୁତ୍ୱ ଦେଇଥିଲେ। ଆଗାମୀ ପଂଚାୟତ ଓ ପୌର ନିର୍ବାଚନ ପାଇଁ ଜିଲ୍ଲା ଓ ବ୍ଲକସ୍ତରରେ ସମ୍ପୃକ୍ତ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉତମ ସମନ୍ୱୟ ରଖିବା ଉପରେ ମଧ ଆଲୋଚନା ହୋଇଥିଲା। ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ସହିତ କ୍ଷେତ୍ରସ୍ତରରେ ଆସୁଥିବା ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଅଧିକାରୀମାନେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।

# ୮ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର,୪।୧୦ (ମହାଭାରତ): ସୁରକ୍ଷିତ ଓ ସୁଚାରୁ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ନିଜର ନିଷ୍ଠା, ସଜାଗତା ଏବଂ ଅତୁଳନୀୟ ଯୋଗଦାନ ପାଇଁ ଖୋର୍ଦ୍ଧାରୋଡ଼ ମଣ୍ଡଳର ୮ ଜଣ ରେଳ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମିନା ଙ୍କ ସମେତ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ।

ସମ୍ମାନିତ କର୍ମଚାରୀମାନେ ହେଲେ ନରାଜ ମାର୍ଥାପୁରର ଷ୍ଟେସନ୍ ମାଷ୍ଟର ଶ୍ରୀଧର ସାହୁ, ଏବଂ ଟ୍ରାଫିକ୍ ପଏଂଟସମ୍ୟାନ୍-ଏ ବୁଲବୁଲ ପରିଡ଼ା, ତାଳଚେର ସି ଆଣ୍ଡ ଡବ୍ଲ୍ୟୁର ଟେକ୍ନିସିଆନ୍ ଗ୍ରେଡ୍-୧ ଅଭିମନ୍ୟୁ କୁମାର, ଖୋର୍ଦ୍ଧା ରୋଡ୍‌ର ଲୋକୋ ପାଇଲଟ୍ ପାଣ୍ଡବ ପରିଡ଼ା, ପୁରୀର ସିନିୟର ଆସିଷ୍ଟାଂଟ ଲୋକୋ ପାଇଲଟ୍ ଶସନ୍ତୋଷ କୁମାର ମୁଦୁଲି, ପାରାଦୀପର ମାଲବାହୀ ଟ୍ରେନ୍ ଲୋକୋ ପାଇଲଟ୍ ସୁଶାନ୍ତ କୁମାର ବେହେରା ଓ ଅଶୋକ ନାୟକ ଏବଂ ବୁଢ଼ାପଙ୍କର ଟେକ୍ନିସିଆନ୍ ଗ୍ରେଡ୍-୨, ଦେବାଶିଷ ଦାସ।

ସମାରୋହରେ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଶ୍ରୀ ଡି. ସୁନିଲ ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କର କର୍ତବ୍ୟନିଷ୍ଠା, ସଜାଗତା ଓ ତତ୍ପରତାକୁ ପ୍ରଶଂସା କରିଥିଲେ। ସମ୍ଭାବ୍ୟ ସୁରକ୍ଷା ବିପଦକୁ ରୋକିବା ସହ ଟ୍ରେନ୍ ଗୁଡ଼ିକର ସୁରକ୍ଷିତ ଓ ସୁଚାରୁ ଚଳାଚଳ ସୁନିଶ୍ଚିତ କରିବାରେ ସେମାନଙ୍କର ତ୍ୱରିତ ପଦକ୍ଷେପ ଓ ସଚେତନତାକୁ ସେ ପ୍ରଶଂସା କରିଥିଲେ। ସମସ୍ତ ରେଳ କର୍ମଚାରୀଙ୍କୁ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ନିଜ କର୍ତବ୍ୟ ପ୍ରତି ସର୍ବଦା ସଜାଗ ଓ ପ୍ରତିବଦ୍ଧ ରହିବାକୁ ସେ ଆହ୍ୱାନ ଦେଇଥିଲେ।

### *ନିଆଳିରେ ଦୁଇ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା*

# ପରିବାରକୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୪।୧୦ (ମହାଭାରତ): ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏକ ପ୍ରତିନିଧିମଣ୍ଡଳୀ କଟକ ଜିଲ୍ଲା ନିଆଳି ଅନ୍ତର୍ଗତ ବନାଳୀପୁର, ରତନପୁର ଅଞ୍ଚଳର ବାଘସାହି ଗ୍ରାମକୁ ଯାଇ ଦୁଇ ନାବାଳିକାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଦୁଇ ନାବାଳିକାଙ୍କ ସହ ଘଟିଥିବା ଯୌନ ନିର୍ଯାତନା ଘଟଣା ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିଥିଲେ ଏବଂ ଘଟଣା ସମ୍ପର୍କିତ ପରିସ୍ଥିତି ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ। ନାବାଳିକାମାନଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣକୁ ନେଇ ପ୍ରତିନିଧିମଣ୍ଡଳୀ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହି ମାମଲାକୁ ସମ୍ବେଦନଶୀଳତାର ସହିତ ଏବଂ ଆଇନ ଅନୁଯାୟୀ ପରିଚାଳନା କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ଘଟଣାସ୍ଥଳ ପରିଦର୍ଶନ ପରେ ବିଜେଡି ପ୍ରତିନିଧିମଣ୍ଡଳୀ କଟକ ଏସ୍ପି (ରୁରାଲ)ଙ୍କ କାର୍ଯ୍ୟାଳୟରେ ତାଙ୍କୁ ଭେଟି ରିପୋର୍ଟେଡ୍ ଘଟଣାର ତୁରନ୍ତ, ନିରପେକ୍ଷ, ନ୍ୟାୟସଙ୍ଗତ ଓ ସମୟବଦ୍ଧ ତଦନ୍ତ ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆଇନ ଓ ନ୍ୟାୟିକ ପ୍ରକ୍ରିୟା ଅନୁଯାୟୀ ତୁରନ୍ତ ଏବଂ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧିମଣ୍ଡଳୀ ପୋଲିସ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।

ଏଥିସହ ନାବାଳିକାମାନଙ୍କ ସୁରକ୍ଷା, ଗୋପନୀୟତା, ସମ୍ମାନ ଓ ପରିଚୟର ସୁରକ୍ଷା ସୁନିଶ୍ଚିତ କରିବା, ନାବାଳିକା ଓ ସେମାନଙ୍କ ପରିବାରକୁ ଆବଶ୍ୟକ ସମସ୍ତ ସୁରକ୍ଷା ଓ ସହାୟତା ଯୋଗାଇଦେବା ଏବଂ କୌଣସି ପ୍ରକାରର ଧମକ, ଚାପ କିମ୍ବା ହଇରାଣ ନକରିବାକୁ ମଧ ଅନୁରୋଧ କରାଯାଇଥିଲା। ପ୍ରତିନିଧିମଣ୍ଡଳୀରେ ଡ. ରାଜଶ୍ରୀ ମଲ୍ଲିକ, ଡ. ମିନତୀ ବେହେରା, ଡ. ପ୍ରମୋଦ ମଲ୍ଲିକ (ସଂଯୋଜକ), ଶ୍ରୀ ପ୍ରଫୁଲ୍ଲ ସିଂହ, ଶ୍ରୀମତୀ ସୁମିତ୍ରା ଜେନା, ଶ୍ରୀମତୀ ସ୍ମିତା ସ୍ୱାଇଁ ଏବଂ ଶ୍ରୀମତୀ ଇଲା ସ୍ୱାଇଁ ଉପସ୍ଥିତ ଥିଲେ। ଘଟଣାସ୍ଥଳ ପରିଦର୍ଶନ ଓ ସ୍ମାରକପତ୍ର ପ୍ରଦାନ ପରେ ପ୍ରତିନିଧିମଣ୍ଡଳୀ ନିଜର ପର୍ଯ୍ୟବେକ୍ଷଣ ଏବଂ ପ୍ରଭାବିତ ପରିବାରଗୁଡ଼ିକ ଉଠାଇଥିବା ଚିନ୍ତା ବିଷୟରେ ଏକ ବିସ୍ତୃତ ରିପୋର୍ଟ ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ।

# ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସମୀକ୍ଷା ବୈଠକ

ଭୁବନେଶ୍ୱର,୪।୧୦ (ମହାଭାରତ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍' ମନ୍ତ୍ରକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡିକୁ ଗାଁ ଗାଁରେ ପହଂଚାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁସୁଚିତ ଜାତି ମୋର୍ଚ୍ଚାର ଜୋନସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ କାର୍ଯ୍ୟକର୍ତାମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି । ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଂଚାଇଥିଲେ ସନ୍ଥଗୁରୁ ଶ୍ରୀ ରବି ଦାସ ବୋଲି କହିବା ସହିତ ଅନୁସୂଚିତ ଜାତିର ବିକାଶ ପାଇଁ ବିଜେପି ସରକାର କରିଥିବା ବିଭିନ୍ନ ଯୋଜନାକୁ ତଳସ୍ତରରେ ପହଂଚାଇବାକୁ ଆହ୍ୱାନ କରିଛନ୍ତି ।

ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୋନସ୍ତରୀୟ ସମୀକ୍ଷା ବୈଠକରେ ଗତ ୨୯



ଜୁଲାଇ ୨୦୨୬ (ଗୁରୁପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ହେବାକୁ ଥିବା ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଦ'ସମରସ ସଂକଳ୍ପ ଅଭିଯାନ' ପାଳନର ସମୀକ୍ଷା କରାଯାଇଥିଲା । ସନ୍ଥ ଗୁରୁ ଶ୍ରୀ ରବି ଦାସଜୀ କେବଳ ଜଣେ ସନ୍ଥ ନ ଥିଲେ । ସେ ଥିଲେ ସାମାଜିକ ପରିବର୍ତନର ବିପ୍ଳବୀ ଚେତନା । ଯେତେବେଳେ ସମାଜ ଅସ୍ପୃଶ୍ୟତା ଓ ଜାତିଭେଦ ଶୃଙ୍ଖଳାରେ ବନ୍ଧା ଥିଲା ସେତେବେଳେ ସନ୍ଥ ରବି ଦାସ ଜନ୍ମ ନେଇଥିଲେ । ନିଜର ଜ୍ଞାନ, ଭକ୍ତି ଓ କର୍ମ ମାଧ୍ୟମରେ ସେ ସମାଜକୁ ନୂତନ ଦିଗ ଦେଖାଇଥିଲେ । ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ସମାଜରେ ସଂସ୍କାର ଆଣି ଠିକ୍‌ଭାବେ ଗଢ଼ିବା ପାଇଁ ସଂକଳ୍ପ ନେବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଅନେକ ଯୁଗପୋଯୋଗୀ ନିଷ୍ପତି ନେଇଥିଲେ । ଏଭଳି ସମାଜ ସଂସ୍କାର କାର୍ଯ୍ୟ ଯୋଗୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସନ୍ଥ ରବି ଦାସଜୀଙ୍କୁ ଲୋକେ ମନେପକାଇବା ସହ ତାଙ୍କ ରାସ୍ତାକୁ ଅନୁସରଣ କରିବେ ଏବଂ ଆମ ସମସ୍ତଙ୍କ ପ୍ରେରଣା ହୋଇରହିବେ । ତାଙ୍କ ଜନ୍ମସ୍ଥାନ ବାରଣାସୀ କାଶୀରୁ ପବିତ୍ର ମୃତିକାକୁ କଳସରେ ସଂଗ୍ରହ କରାଯାଇ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ପଠାଯାଇଛି । ଏହି ମୃତିକା ଓ ସନ୍ଥ ରବିଦାସଜୀଙ୍କ ବାର୍ତାକୁ ସବୁ ଜିଲ୍ଲାରୁ ମଣ୍ଡଳ ଓ ସେଠାରୁ ସବୁ ଗାଁକୁ ପହଁଚାଇବା ପାଇଁ ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।ବୈଠକରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଧାୟକ ରଘୁନାଥ ଜଗଦଲ୍ଲା, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସମ୍ପାଦିକା ଶ୍ରୀମତୀ ସ୍ମିତା ପ୍ରଧାନ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜଙ୍କ ସମେତ ମୋର୍ଚ୍ଚାର ସମସ୍ତ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।



ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ






# ସୋଲାର ପାୱାର ଉତ୍ପାଦନ ବୃଦ୍ଧି

ଇରାନ ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ,କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। ତେବେ ଏହାର ଦରବୃଦ୍ଧି ଏବେ ଚିନ୍ତାର କାରଣ ହୋଇଛି। ପେଟ୍ରୋଲ ଓ ଡିଜେଲ ସହ ରନ୍ଧନ ଗ୍ୟାସର ଦରବୃଦ୍ଧି ସାଧାରଣ ଖାଉଟୀଙ୍କ ଆର୍ଥିକ ବୋଝ ବଢ଼ାଇ ଦେଇଛି। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଯଦିଓ ସରକାର ବାରମ୍ବାର ଏକଥା କହୁଛନ୍ତି ଯେ, ଦେଶରେ ଗ୍ୟାସର ଅଭାବ ନାହିଁ ଏବଂ ଅଯଥା ଆତଙ୍କିତ ହେବା କାରଣରୁ ଏହାର ସଙ୍କଟ ସୃଷ୍ଟି ହୋଇଛ, କିନ୍ତୁ ବାସ୍ତବରେ ଏବେ ଭାରତରେ ରନ୍ଧନ ଗ୍ୟାସର ଅଭାବ ରହିଛି। ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇର୍ଣ୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା ଖୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ। ଭାରତ ଭଳି ଏକ ଗ୍ରୀଷ୍ମପ୍ରଧାନ ଦେଶରେ ସୋଲାର ପାୱାର ଉତ୍ପାଦନ ବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି। ଏହା ଦ୍ୱାରା ଏଲପିଜି ଉପରେ ନିର୍ଭରଶୀଳତା ୫୦% ହ୍ରାସ ପାଇପାରିବ। ବିଦେଶରୁ ଏଲପିଜି କିଣିବାକୁ ଆଉ ବାଧ୍ୟବାଧକତା ପଡ଼ିବନି। ଆମ ଦେଶରେ ବି ଗ୍ୟାସ ଉତ୍ପାଦିତ ହେଉଛି। ବିଦେଶରୁ ଆଉ ଅଳ୍ପ କିଛି ଗ୍ୟାସ ଆମଦାନୀ କରିଲେ କାମ ଚଳିଯିବ। ଏ ସମ୍ପର୍କରେ କେବଳ ସରକାର ନୁହଁନ୍ତି, ଦେଶର ପ୍ରତ୍ୟେକ ନାଗରିକ ଚିନ୍ତା କରିବାର ସମୟ ଆସିଛି। ସବୁ ଆବଶ୍ୟକତାର, ସବୁ ସମସ୍ୟାର ବିକଳ୍ପ ରହିଛି। ଏହାକୁ ସମୀକ୍ଷା କରାଯାଇ ଏହା ଉପରେ ପଦକ୍ଷେପ ନିଆଯିବା ଉଚିତ।

# ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

> “ମିଳେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତାକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୭୬୪୫୩,

# ନିଶ୍ୱାସରେ ବିଷ : ଘାତକ ପବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି।

କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ନିର୍ଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ୍ୟ ହୋଇପାରେ।

ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ୍ୟ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟିଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ।

ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା।

କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ।

ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ।

# “ନିମୋନିଆକୁ ରୋକିବା ପାଇଁ ସଂଗ୍ରାମକୁ ଚମ୍ପିଆନ କରିବା’

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମ୍ମ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଶଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମ୍ମ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, କ୍ଲେବସିଲା, ଇ.କୋଲି ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମ୍ମ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମ୍ମରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ ‘ଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧ୍ୟାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ‘କୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବ୍ରହ୍ମଗିରିରେ ଗୁଳିକାଣ୍ଡ ଯୁବକ ଗୁରୁତର

ବ୍ରହ୍ମଗିରି,(ମହାଭାରତ): ବ୍ରହ୍ମଗିରି ଥାନା ଅନ୍ତର୍ଗତ କଳିକାବାଡି ଗ୍ରାମରେ ଗୁଳିକାଣ୍ଡ ଘଟି ଯୁବକ ଗୁରୁତର । ସୂଚନା ଅନୁସାରେ ଘଟିଥିବା ଗୁଳିକାଣ୍ଡ ପଛରେ ଏକ ରାଜନୈତିକ କାରଣ ଅଛି ବୋଲି ଜଣାପଡିଛି। କାଳିକାବାଡି ଗ୍ରାମର ବ୍ୟବସାୟୀ ଦୁର୍ଯୋଧନ ପାହାଳ ନିଜର ଏବଂ ନିଜ ଭାଇଙ୍କ ବ୍ୟବସାୟକୁ ସୁରକ୍ଷା ଦେବାପାଇଁ ଦୀର୍ଘଦିନ ହେବ ଶାସକ ଦଳରେ ମିଶିବା ପାଇଁ ଚେଷ୍ଟା କରିଆସୁଥିଲେ।ଏନେଇ ଅନେକ ଥର ସଭା ମଧ୍ୟ ହୋଇଥିଲା। ଘଟଣା ଦିନ ମଧ୍ୟ କାଳିକାବାଡି ଗ୍ରାମର ଏକ ମନ୍ଦିର ପାଖରେ ଶାସକ ଦଳରେ ମିଶିବା ପାଇଁ ଗ୍ରାମର କିଛି ଯୁବକ ମାନଙ୍କ ସହିତ ଗୁଳିକାଣ୍ଡ ଘଟାଇଥିବା ଦୁର୍ଯୋଧନ ପାହାଳ ଓରଫ ବୁଲୁ ପାହାଳ ଏକ ବୈଠକ କରିଥିଲେ। କୌଣସି କାରଣରୁ ବୁଲୁ ପାହାଳ ଙ୍କର ଉକ୍ତ ଗ୍ରାମର ତୋଫାନ ପାହାଳ ଙ୍କର ସାମାନ୍ୟତମ ବଚସା ହୋଇଥଲା। ବଚସାକୁ କେନ୍ଦ୍ରକରି ବୁଲୁ ନିଜର ବନ୍ଧୁକରୁ ତୋଫାନ ଙ୍କୁ ଗୁଳି ମାଡ଼ କରିଥିଲେ। ଘଟଣା ସ୍ଥଳରେ ତୋଫାନ ଟଳିପଡ଼ିଥିଲେ। ଆହତ ତୋଫାନ ଙ୍କୁ ଗ୍ରାମର କିଛି ଯୁବକ ଉଦ୍ଧାର କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରେ ପୁରୀ ଏବଂ ପରେ ଭୁବନେଶ୍ୱର ପଠା ଯାଇଛି। ଅନ୍ୟପଟେ ଘଟଣା ସ୍ଥଳରେ ବ୍ରହ୍ମଗିରି ଥାନା ଏବଂ ପୁରୀ ଏସପି, ସଦର ଏସଡିପିଓ ମାନସ ରଞ୍ଜନ ବାରିକ ପହଞ୍ଚି ତଦନ୍ତ କରିବା ସହିତ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଦେହୁରୀ ବ୍ୟବସାୟୀ ବୁଲୁ ପାହାଳ ଙ୍କର ରାଇସି ମିଲ୍‌କୁ ସିଲ କରିଛନ୍ତି। ଦେଖାଯାଉ ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତ କୁ ଧରିବାରେ ପୋଲିସ କେବେ ସଫଳ ହେଉଛି ।

## ଦେବକୁଣ୍ଡର ବିକାଶ ଓ ମା' ଅମ୍ବିକାଙ୍କ ପୀଠର ପୁନରୁଦ୍ଧାର ନେଇ ମନ୍ତ୍ରୀଙ୍କ ସମୀକ୍ଷା



ଉଦଳା, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡ ଏବଂ ମା' ଅମ୍ବିକାଙ୍କ ପବିତ୍ର ପୀଠର ବିକାଶ ଓ ପୁନରୁଦ୍ଧାର ନେଇ ଆଜି କ୍ଷେତ୍ର ପରିଦର୍ଶନ କରିଛନ୍ତି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।ମନ୍ତ୍ରୀଙ୍କ ସହ ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଭାସ୍କର ମଢେଇ, ମୟୁରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସାୟ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦେବକୁଣ୍ଡର ବର୍ତ୍ତମାନ ସ୍ଥିତି ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ ।ସୂଚନାଯୋଗ୍ୟ, ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଦେବକୁଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ମା' ଅମ୍ବିକାଙ୍କ ପୀଠ ମଧ୍ୟ ପ୍ରଭାବିତ ହୋଇଛି। ଏଥିସହ ବନ୍ୟାରେ ପୋଲ ଓ ମନ୍ଦିର କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ଶୀଘ୍ର ମରାମତି ଓ ପୁନର୍ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ ମନ୍ତ୍ରୀ ।ମା' ଅମ୍ବିକାଙ୍କ ପୀଠକୁ ପୂର୍ବ ଗୌରବ ଫେରାଇ ଆଣିବା ସହ ଦେବକୁଣ୍ଡକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ନେଇ ଆଲୋଚନା ହୋଇଥିଲା। ଦେବକୁଣ୍ଡକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ କିପରି ହୋଇପାରିବ, ସେଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।ବନ୍ୟାରେ ଭାଙ୍ଗିଯାଇଥିବା ପୋଲ ଓ କ୍ଷତିଗ୍ରସ୍ତ ମନ୍ଦିରର କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।ମନ୍ତ୍ରୀଙ୍କ ଏହି ଗସ୍ତ ପରେ ଦେବକୁଣ୍ଡର ବିକାଶ ସହ ମା' ଅମ୍ବିକାଙ୍କ ପୀଠର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଆଜିର ଏହି ମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ରେ ଉଦଳା ବିଜେପି ପକ୍ଷରୁ ଉଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ମୟୁରଭଞ୍ଜ ଜିଲ୍ଲା ବିଜେପି ସଭାପତି (ପୂର୍ବ )ନିହାର ମୋଦି ଏବଂ ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା,ମହିଳା ସଭାନେତ୍ରୀ ମମତା ସାହୁ, ଦେବକୁଣ୍ଡ ମଣ୍ଡଳ ସଭାପତି ମହେନ୍ଦ୍ର ଖଣ୍ଡେଇ,କପ୍ତିପଦା ମଣ୍ଡଳ ସଭାପତି ସୁମନ୍ତ ରାଉଳ, ଉଦଳା ସଦର ମଣ୍ଡଳ ସଭାପତି ଭାଗିରଥି ସେଠୀ ଙ୍କ ସମେତ ସଦର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଜନ୍ମେଞ୍ଜୟ ସାହୁ,ହରିପ୍ରସାଦ ଭଂଜବାବୁ, ଦୁଲାଲ ସୋରେନ,ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ମନ୍ତ୍ରୀ ଙ୍କୁ ସ୍ୱାଗତ କରିଥିଲେ।

## ପାରାଦୀପ ବନ୍ଦର ଇଂଜିନିୟରିଂ ବିଭାଗ ପକ୍ଷରୁ ମୋଗା ସ୍ୱଚ୍ଛତା ଅଭିଯାନ



ପାରାଦୀପ, (ମହାଭାରତ): ପାରାଦୀପ ଇଂଜିନିୟରିଂ ବିଭାଗ ପକ୍ଷରୁ ମେଗା ସ୍ୱଚ୍ଛତା ଅଭିଯାନ ୬.୦ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବନ୍ଦର ଇଂଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ଶାଖା ପକ୍ଷରୁ ପାରାଦୀପ ସହରର ବିଭିନ୍ନ ସ୍ଥାନ ସଫେଇ କରାଯାଇ ପରିବେଶ ପରିଷ୍କାର କରାଯାଇଛି । ପାରାଦୀପ ବନ୍ଦର ସିଏମଇ ସୁଶୀଲ କୁମାର ନାହାକ, ନିର୍ବାହୀ ଯନ୍ତ୍ରୀ ଜାମିନୀକାନ୍ତ ମହାନ୍ତି, ଗଙ୍ଗାଧର ସେଠୀ, ବିନାୟକ ପ୍ରଧାନ, ଆଲୋକ କୁମାର ମହାନ୍ତିଙ୍କ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଭାରୀଯାନ ବ୍ୟବହାର ସହିତ ମାନବ ସମ୍ବଳ ବିନିଯୋଗ କରାଯାଇ ପାରାଦୀପ ସହରାଂଚଳର ବିଭିନ୍ନ ସ୍ଥାନରେ ପଡି ରହିଥିବା ଅଳିଆ ସଫା କରାଯାଇଥିଲା । ପାରାଦୀପ ବନ୍ଦରର ବରିଷ୍ଠ ଯନ୍ତ୍ରୀ, କର୍ମଚାରୀମାନଙ୍କ ଉଦ୍ୟମରେ ପ୍ରାୟ ୯୫ ଟ୍ରାକ୍ଟରରେ ୪୦ ଟନ୍ ଅଳିଆ, ଅଦରକାରୀ ସାମଗ୍ରୀକୁ ଉଠାଯାଇ ପରିବେଶ ସ୍ୱଚ୍ଛ କରାଯାଇଥିଲା । ଇଂଜିୟରିଂ ବିଭାଗର ଏହି ପଦକ୍ଷେପ ପାରାଦୀପ ବନ୍ଦର ସ୍ୱଚ୍ଛତା ପ୍ରତି ନିଜର କର୍ତବ୍ୟ ଓ ଦାୟିତ୍ୱବୋଧର ପ୍ରତିଫଳନ ।

## ଦୁଃଖଦ ସମୟରେ ପୀଡ଼ିତ ପରିବାର ପାଖରେ ସହିଦ୍ ମାଧୋସିଂ ବରିହା ଯୁବ ବିଞ୍ଝାଲ ସଂଗଠନ



ପାଟଣାଗଡ, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ ବ୍ଲକ ତମିଆଁ ପଞ୍ଚାୟତ ଦାବକାନି ଗାଁରେ ଦୁର୍ବୃତ୍ତମାନେ ପେଟ୍ରୋଲ ଢାଳି ଜଣେ ବିଞ୍ଝାଲ ପରିବାରର ଘର ଜାଳି ଦେଇଥିବା ଘଟଣା ପରେ ପରିବାର ଟି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏଭଳି ଦୁଃଖଦ ସମୟରେ ପୀଡ଼ିତ ପରିବାର ପାଖରେ ସହାୟତାର ହାତ ବଢ଼ାଇଛି ସହିଦ୍ ମାଧୋସିଂ ବରିହା ଯୁବ ବିଞ୍ଝାଲ ସଂଗଠନ, ପଶ୍ଚିମ ଓଡ଼ିଶା । ଘଟଣା ସମ୍ପର୍କରେ ଜାଣିବା ପରେ ସଂଗଠନର ସଦସ୍ୟମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଅର୍ଥ ସଂଗ୍ରହ କରିବା ସହ ପୀଡ଼ିତ ପରିବାର ପାଇଁ ରାସନ ସାମଗ୍ରୀ ଓ ପୋଷାକ ଯୋଗାଡ଼ କରିଥିଲେ । ପରେ ସଂଗଠନର ସଦସ୍ୟମାନେ ଦାବପାନି ଗ୍ରାମରେ ପହଞ୍ଚି ପରିବାର ସହ ସାକ୍ଷାତ କରି ସହାୟତା ସାମଗ୍ରୀ ପ୍ରଦାନ କରିଥିଲେ । ଏହାସହ ପରିବାରର ସମସ୍ୟା ଶୁଣିବା ସହ ସେମାନଙ୍କୁ ମାନସିକ ସାହସ ଦେଇଥିଲେ । ସଂଗଠନର ଏହି ପଦକ୍ଷେପ ମାନବିକତା, ଭାଇଚାରା ଓ ସାମାଜିକ ଦାୟିତ୍ୱର ଏକ ଉଦାହରଣ ବୋଲି ଯୁବକମାନେ କହିଛନ୍ତି । ସହିଦ୍ ମାଧୋସିଂ ବରିହାଙ୍କ ସାହସ, ତ୍ୟାଗ ଓ ସମାଜସେବାର ଆଦର୍ଶକୁ ଅନୁସରଣ କରି ବିପଦ ସମୟରେ ଅସହାୟ ପରିବାରଙ୍କ ପାଖରେ ଠିଆ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ଏହି ମାନବିକ କାର୍ଯ୍ୟରେ ରାଜୀବ ରଞ୍ଜନ ବରିହା, ସୁଦାମ ବାରିହା, ରଞ୍ଜନ ବରିହା, ସାଧୁ ଚରଣ ବରିହା, ମତି ରାମ ବରିହା, ଖେଲରାଜ ବରିହା, ଗୁଣନିଧି ବରିହା, ଆଲୋକ ବରିହା ଓ ଧୁବ୍ଲେ ବରିହା ପ୍ରମୁଖ ସାମିଲ ଥିଲେ । ଆଗାମୀ ଦିନରେ ମଧ୍ୟ ଏଭଳି ପଦକ୍ଷେପ ଜାରି ରହିବା ସହ ଅନ୍ୟମାନଙ୍କୁ ସମାଜସେବା ପାଇଁ ପ୍ରେରଣା ଦେବ ବୋଲି ସଂଗଠନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି ।

## ନିତି ଆୟୋଗ ଉପାଧ୍ୟକ୍ଷଙ୍କ ପାରାଦୀପ ବନ୍ଦର ଗସ୍ତ




ପାରାଦୀପ, (ମହାଭାରତ): ଭାରତ ସରକାରଙ୍କ ନିତି ଆୟୋଗର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ରବିବାର ଦିନ ପାରାଦୀପ ବନ୍ଦରକୁ ସରକାରୀ ଗସ୍ତରେ ଆସି ଥିଲେ । ଭବନେଶ୍ୱର ବିମାନ ବନ୍ଦରଠାରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶ ଦାତା ଅଶୋକ କୁମାର ସାହୁ ସ୍ୱାଗତ କରିଥିଲେ। ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍‌ରେ ପହଂଚିବା ପରେ ପାରାଦୀପ ବନ୍ଦର ପକ୍ଷରୁ ଉପାଧ୍ୟକ୍ଷ ଟି.ଭେନୁ ଗୋପାଲଡ. ରାହିରୀଙ୍କୁ ସ୍ୱାଗ କରି ଥିଲେ। ପାରାଦୀପ ବନ୍ଦର ପୋତାଶ୍ରୟ ଅଂଳ ବୁଲିବା ଦେଖିବା ସହିତ ଜାହାଜ ଚଳାଚଳ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବନ୍ଦରର ପଣ୍ୟ କାରବାର, ଆଧୁନିକ ଯାନ୍ତ୍ରୀକୀକରଣ, ବନ୍ଦର ଭିତିଭୂମି, ଯୋଗାଯୋଗ ସମ୍ପର୍କର ବୁଝି ଥିଲେ । ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ମେଗା ପୋର୍ଟ ପାରାଦୀପ ବନ୍ଦରର ଦକ୍ଷତା, ଭୂମିକା, ଅଗ୍ରଗତି ବୁଲି ଦେଖିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ବନ୍ଦର ଆଧୁନିକୀକରଣ କ୍ଷେତ୍ରରେ ବହୁ ଭାବେ ଅଗ୍ରଗତି କରିଛି ଏହା ପ୍ରଶଂସନୀୟ ବୋଲି ଡ. ଲାହିରୀ କହିଥିଲେ। ପ୍ରତ୍ୟେହ ୧୩ ଗୋଟି ଜାହାଜ ଚଳାଚଳ କରିବା ସହିତ ୧୬.୫ ମିଟରରୁ ଅଧିକ ଗଭୀରତା ପାରାଦୀପ ବନ୍ଦରର ଅନ୍ୟତମ ସଫଳତା । ଦେଶର ବିକାଶରେ ପାରାଦୀପ ବନ୍ଦର ଭୂମିକା ଅନସ୍ୱୀକାର୍ଯ୍ୟ । ଓଡିଶା ମେରିଟାଇମ୍ ବୋର୍ଡର ସିଓଓ ସୁରେନ୍ଦ୍ର ମାଧବ ପାଢୀ, ଓଡିଶା ନିତି ଆୟୋଗ ବାଣିଜ୍ୟ ଓ ଅର୍ଥ ବିଭାଗ ନୋଡାଲ ଅଫିସର ପ୍ର. ପ୍ରଭାକର ସାହୁ ଡ. ଲାହିରୀଙ୍କ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ଜରାଜୀର୍ଣ୍ଣ ଆରଆଇ କାର୍ଯ୍ୟାଳୟକୁ ଯାତ୍ରୀ ବିଶ୍ରାମାଗାର କରିବାକୁ ଦାବି

ରା.ଉଦୟଗିରି, (ମହାଭାରତ): ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକର ଛେଳିଗଡ଼ ଛକ ଏକ ପ୍ରମୁଖ ଯୋଗାଯୋଗସ୍ଥଳୀ ଭାବେ ପରିଚିତ। ଆଖପାଖର ବିଭିନ୍ନ ଗାଁ, ଖୋର ଅଞ୍ଚଳ ଓ ମୁଖ୍ୟ ବଜାରକୁ ଯାତାୟାତ ପାଇଁ ଲୋକେ ଏହି ଛକ ଉପରେ ନିର୍ଭର କରନ୍ତି। ପ୍ରତିଦିନ ଏଠାରେ ଶହ ଶହ ବସ୍ ଓ ଅନ୍ୟାନ୍ୟ ଯାନବାହନ ଯାତାୟାତ କରୁଥିବା ବେଳେ ହଜାର ହଜାର ଯାତ୍ରୀ ବସ୍ ?ରୁ ଓହ୍ଲାଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି।



ଏତେ ଗୁରୁତ୍ୱପୂର୍ଣ୍ଣ ଛକ ହୋଇଥିଲେ ମଧ୍ୟ ଯାତ୍ରୀଙ୍କ ପାଇଁ ଏଠାରେ ଆବଶ୍ୟକ ବିଶ୍ରାମାଗାର ଓ ଶୌଚାଳୟ ଭଳି ମୌଳିକ ସୁବିଧା ନାହିଁ। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ, ବିଶେଷକରି ମହିଳା, ଶିଶୁ ଓ ବୟସ୍କମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍ ?କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ବର୍ଷା ଓ ଖରା ସମୟରେ ଆଶ୍ରୟ ନେବାକୁ ମଧ୍ୟ ଉପଯୁକ୍ତ ସ୍ଥାନ ପାଉନାହାନ୍ତି। ଅନ୍ୟପଟେ ଛକ ନିକଟରେ ଥିବା ପୁରୁଣା ଆରଆଇ କାର୍ଯ୍ୟାଳୟ ଦୀର୍ଘଦିନ ହେଲା ଅବ୍ୟବହୃତ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତେଣୁ ଏହି ସ୍ଥାନକୁ ଉପଯୋଗ କରି ଯାତ୍ରୀ ବିଶ୍ରାମାଗାର ସହ ଏକ ଶୌଚାଳୟ ନିର୍ମାଣ କରାଗଲେ ହଜାର ହଜାର ଯାତ୍ରୀ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଛେଳିଗଡ଼ ସରପଞ୍ଚଙ୍କ ପକ୍ଷରୁ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଜମିକୁ ପଞ୍ଚାୟତକୁ ହସ୍ତାନ୍ତର କରି ଲୋକଙ୍କ ସ୍ୱାର୍ଥରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଦାବିଟି ପୂରଣ ହେଲେ ଛେଳିଗଡ଼ ଛକରେ ଦୀର୍ଘଦିନରୁ ରହିଥିବା ଯାତ୍ରୀଙ୍କ ମୌଳିକ ସୁବିଧା ସମସ୍ୟାର ସମାଧାନ ହୋଇପାରିବ। ଏନେଇ ଆମେ ରା -ଉଦୟଗିରି ତହସିଲଦାର ଙ୍କୁ ଫୋନ କରିଥିଲୁ କିନ୍ତୁ ଯୋଗାଯୋଗ ହୋଇପାରିଲା ନାହିଁ ।

## କାମ କୋଉଠି ଅଟକିଛି ? ପ୍ରଶ୍ନ ଘେରରେ ସ୍ଥାନୀୟ ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ

ଗଣିଆ, (ମହାଭାରତ): ଗଣିଆ–ଛାମୁଣ୍ଡିଆ ମୁଖ୍ୟ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଦିନକୁ ଦିନ ରାସ୍ତାର ଦୁରବସ୍ଥା ବିପଜ୍ଜନକ ସ୍ତରରେ ପହଞ୍ଚୁଥିବା ବେଳେ ଏବେ ସିଧାସଳଖ ସ୍ଥାନୀୟ ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରସିଦ୍ଧ କଳାପାଟ ଯାତ୍ରା ପାଖେଇ ଆସୁଥିବା ସମୟରେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ କେଉଁଠି ଓ କାହିଁକି ଅଟକି ରହିଛି, ତାହାକୁ ନେଇ ସାଧାରଣରେ ଗଭୀର ସନ୍ଦେହ ଓ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ମରାମତି ନିମନ୍ତେ ବାରମ୍ବାର ଦାବି, ଲିଖିତ ଅଭିଯୋଗ, ପ୍ରତିବାଦ ଏବଂ ଆନ୍ଦୋଳନ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ରାଜନେତାମାନେ ପ୍ରତ୍ୟେକ ଥର କେବଳ ଫମ୍ପା ପ୍ରତିଶ୍ରୁତି ଦେଇ ନିଜ ଦାୟିତ୍ୱ ସାରିଦେଉଛନ୍ତି। ଅନୁଦାନ ମଞ୍ଜୁର ହୋଇଛି ନା ସରକାରୀ ଲାଲଫିତା ତଳେ ଟେଣ୍ଡର ଫାଇଲ୍ ଚାପି ହୋଇ ରହିଛି, ଅଥବା କୌଣସି ଠିକାଦାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ କାମ ଆଗେଇ ପାରୁନାହିଁ—ଏହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ରାସ୍ତାର ଖାଲଖମା ଯୋଗୁଁ ପ୍ରତ୍ୟହ ଯାତ୍ରୀବାହୀ ଗାଡ଼ି, ରୋଗୀ ବହନକାରୀ ଆମ୍ବୁଲାନ୍ସ ତଥା ସ୍କୁଲ-କଲେଜ ଯାଉଥିବା ଶହ ଶହ ଛାତ୍ରଛାତ୍ରୀ ନିୟମିତ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି।

## ଧର୍ମଗଡ଼ ଯାଦବ ଜିଲ୍ଲା ମହାସଭାର ନୂଆଖାଇ ଭେଟଘାଟ

ଜୁନାଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ତରାପୁର ମହାଭାରତ ପଡ଼ିଆଠାରେ ରବିବାର ଧର୍ମଗଡ଼ ଯାଦବ ଜିଲ୍ଲା ମହାସଭା ତରଫରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ପ୍ରଥମେ ଯଦୁପତୀ ଶ୍ରୀକୃଷ୍ଣଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରାଯାଥିଲା। ଏହାପରେ ସାମୁହିକ ଭାବେ ନବାର୍ଣ୍ଣ ଭକ୍ଷଣ କରାଯାଇଥିଲା। ଏବଂ ପରେ ପରସ୍ପର ମଧ୍ୟରେ ନୂଆଖାଇ ଜୁହାର ଜଣେଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଧର୍ମଗଡ଼ ଯାଦବ ଜିଲ୍ଲା ମହାସଭାର କାର୍ଯ୍ୟକାରୀ ସଭାପତି ପ୍ରମୋଦ ହଂସଙ୍କ ସଭାପତିତ୍ୱରେ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ଯାଦବ ମହାସଭା ସଭାପତି ଟିଂକଚନ ନାଗ, ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ସିମାଞ୍ଚଳ ନାଗ, ତରାପୁର ଆଞ୍ଚଳିକ ସଭାପତି ଶତ୍ରୁଘନ ଲହଜଳ, ଧର୍ମଗଡ଼ ଯାଦବ ଜିଲ୍ଲା ସମ୍ପାଦକ କିଶୋର ହଂସ, ଈଶ୍ୱର ଗୋପାଳ, ଟିଂକମନ ବାରିକ, ଅଭିମନ୍ୟୁ ବାଗ, ସୁରେଶ ଭଇଁସାଲ, ପ୍ରେମାନନ୍ଦ ଘି, ଅନିରୁଦ୍ଧ ଲହଜଳ, ପ୍ରଣବ ଭଇଁସାଲ, ବିଶ୍ୱନାଥ ବଗର୍ତ୍ତୀ, ଜିଲ୍ଲାପରିଷଦ ସଭ୍ୟା ନିବେଦିତା ହଂସ, ସଂଗୀତା ଖର୍ଲେସ, ଗୋରାଙ୍ଗ ଭଇଁସାଲ, ଜଗଦୀଶ ନାଗ, ଗୋବିନ୍ଦ ଲହଜଳ, ଡିଙ୍ଗର ବରିହା, କୌଶିକ ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷା, ରାଜନୈତିକ, ଅର୍ଥନୈତିକ, ସାଂଗଠନିକ, ସମାଜ ସଂସ୍କାର, ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି କ୍ରମରେ ତରାପୁର ଆଞ୍ଚଳିକ ସଭାପତି ଶତ୍ରୁଘନ ଲହଜଳଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିରଷ୍ଠ ସାମ୍ବାଦିକ ଖଗେଶ୍ୱର ଧଙ୍ଗଡାମାଝୀ, ସାମ୍ବାଦିକ ଜଗଦୀଶ ନାଏକ, ରୋହିତ ବାଗ, ହିରଣ୍ୟ ବେହେରା, ଧନେଶ୍ୱର ପୁଞ୍ଜି ଓ ଦୁଷ୍ମନ୍ତ ଗହୀର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦ ଲହଜଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡମ୍ବରୁ ଲହଜଳ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଚନ୍ଦ୍ରଧ୍ୱଜ ବାଗ ମଞ୍ଚ ସଂଯୋଜନା କରିଥିଲେ।

## ନାକଟିସିମଡା ଲେଣ୍ଡିବେଢା ରାସ୍ତା ଅବହେଳିତ



ରାଇଘର, (ମହାଭାରତ) : ବିକାଶର ପ୍ରଥମ ପରିଚୟ ହେଉଛି ଭଲ ରାସ୍ତା। ହେଲେ ନାକଟିସିମଡାରୁ ଲେଣ୍ଡିବେଢାକୁ ଯାଇଥିବା ରାସ୍ତା ଆଜି ଅବହେଳାର ଏକ ଚିତ୍ର ପାଲଟିଛି। ଯେଉଁ ରାସ୍ତା ଦେଇ ଲୋକଙ୍କ ଜୀବନ ସହଜ ହେବା କଥା, ସେହି ରାସ୍ତା ଏବେ ଯାତାୟାତ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତା ଆବଶ୍ୟକତା ଥିବା ସ୍ଥାନରେ ଆଜି ବି ଠିକ୍ ଭାବେ ରାସ୍ତା ନଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ହେଉଛନ୍ତି ।ବର୍ଷା ହେଲେ ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି। ଖାଲଖମା, କାଦୁଅ ଓ ଅସମତଳ ରାସ୍ତାରେ ଯାତାୟାତ କରିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଯାଉଛି । ରୋଗୀଙ୍କୁ ଡାକ୍ତରଖାନା ନେବାଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ, ଚାଷୀଙ୍କ ଉତ୍ପାଦ ବଜାରକୁ ନେବା ସବୁଥିରେ ରାସ୍ତା ଅଭାବ ବଡ଼ ବାଧା ସୃଷ୍ଟି କରୁଛି। ସରକାର ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରୁଥିବା ବେଳେ ନାକଟିସିମଡା ଲେଣ୍ଡିବେଢା ରାସ୍ତାର ଅବସ୍ଥା ସେହି ବିକାଶର ବାସ୍ତବ ଚିତ୍ରକୁ ନେଇ ପ୍ରଶ୍ନ ଉଠାଉଛି। ଯେଉଁଠି ରାସ୍ତା ହେବା କଥା, ସେଠି ରାସ୍ତା ନାହିଁ; ଆଉ ଯେଉଁ ରାସ୍ତା ଅଛି, ସେଠି ଯାତାୟାତ କରିବା ମଧ୍ୟ ଦୁର୍ହର। ତେବେ ଏହି ଅଞ୍ଚଳର ଲୋକଙ୍କ ପାଖରେ ବିକାଶ କେବେ ପହଞ୍ଚିବ ? ଲୋକଙ୍କ ଦାବି, ତୁରନ୍ତ ଏହି ରାସ୍ତାର ସ୍ଥିତି ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥାନରେ ନୂଆ ରାସ୍ତା ନିର୍ମାଣ ସହ ଖରାପ ରାସ୍ତାର ମରାମତି କରାଯାଉ। କାରଣ ରାସ୍ତା କେବଳ ମାଟି ଉପରେ ପଡ଼ିଥିବା ପିଚୁ ନୁହେଁ ଏହା ଏକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ଭବିଷ୍ୟତକୁ ଯୋଡ଼ିଥିବା ବିକାଶର।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ପ୍ଲାଷ୍ଟିକ ମୁକ୍ତ ଦୋଳବନ୍ଧ ଡାକରା ଦେଲେ ସ୍ୱେଚ୍ଛାସେବୀ ଓ ପ୍ରଶାସନିକ ଅଧିକାରୀ

ଗଜପତି(ମହାଭାରତ):ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ କେନ୍ଦ୍ର ତଥା ରାଜ୍ୟ ସରକାର ସ୍ୱଚ୍ଛ ପରିବେଶ ଉପରେ ବିଶେଷ ଦୃଷ୍ଟି ଦେବାକୁ ନେଇ ଜନସାଧାରଣଙ୍କୁ ଆହ୍ୱାନ କରୁଥିବା ବେଳେ ଏହି କଥାକୁ ଚିନ୍ତା କରି ପ୍ରକୃତି ପ୍ରେମୀ ମନୋଜ ଦାଶଙ୍କ ଡ଼ାକରାରେ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଜନସାଧାରଣ ଏକତ୍ରିତ ହୋଇ ଆଜି ସନ୍ଧ୍ୟାରେ ଐତିହାସିକ ଦୋଳ ବନ୍ଧ ସଫେଇ କାର୍ଯ୍ୟ କରିଥିଲେ । ଏଥିରେ ସହଯୋଗର ହାତ ବଢାଇଥିଲେ ପାରଳାଖେମୁଣ୍ଡି ଏସ୍ଡିପିଓ ମାଧବାନନ୍ଦ ନାୟକଙ୍କ ନେତୃତ୍ୱାଧୀନ ପୋଲିସ ବିଭାଗ ତଥା ଜିଲ୍ଲା ନ୍ୟାୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ୍ କୁମାର ମିଶ୍ର । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଗନ୍ତାୟତ, ପ୍ରତାପ ମିଶାଲ, ରାଜେଶ୍ ନାହାକ, ଲୋକନାଥ ମିଶ୍ର, ନୃସିଂହ ବାବା, ଜୁନେଶ ଜେନା, ଓ୍ୱାଇ. ମୁରଲୀଧର, ରାୟ ଗୋବିନ୍ଦ ରାଜୁ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟର ଆରମ୍ଭରେ ସମସ୍ତେ ଦୋଳବନ୍ଧ ଚତୁର୍ପାର୍ଶ୍ୱରେ ଉଠିଥିବା ଅନାବନା ଗଛ ଲତା ଆଦି ସଫା କରିଥିଲେ ଓ ପରେ ପାଣି ମଧ୍ୟରୁ ଯଥା ସମ୍ଭବ ପ୍ଲାଷ୍ଟିକ ଆବର୍ଜନା ବାହାର କରିବା ସହ ଜନସାଧାରଣଙ୍କୁ ପୋଖରୀ ମଧ୍ୟକୁ ପ୍ଲାଷ୍ଟିକ ନ ପକାଇବା ନେଇ ଯଥାସମ୍ଭବ ସଚେତନ କରିଥିଲେ ।

# ସମ୍ବିଧାନ ଓ ଅଧିକାର ସୁରକ୍ଷା ଦାବିରେ ନୂଆପଡାରେ କଂଗ୍ରେସର ପଦଯାତ୍ରା




ନୂଆପଡା:(ମହାଭାରତ) ସମ୍ବିଧାନର ମୂଲ୍ୟବୋଧ, ନାଗରିକ ଅଧିକାର ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅକ୍ଷୁଣ୍ଣ ରଖିବା ଦାବିରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟବ୍ୟାପୀ ପଦଯାତ୍ରା ଓ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି କଂଗ୍ରେସ। ଏହି କ୍ରମରେ ନୂଆପଡା ଜିଲ୍ଲାରେ ମଧ୍ୟ ଜାରି ରହିଛି କଂଗ୍ରେସର ପଦଯାତ୍ରା ।ଆଜି ଜିଲ୍ଲା ସଦର ମହକୁମା ନୂଆପଡାଠାରେ ଜିଲ୍ଲା କଂଗ୍ରେସ ସଭାପତି ଅଙ୍କିତ ସିଂଘାଇଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଶହଶହ କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ସହ ଜିଲ୍ଲାର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ହାତରେ ପ୍ଲାକାର୍ଡ ଓ ନାରା ଦେଇ କଂଗ୍ରେସ କର୍ମୀମାନେ ସାଧାରଣ ଲୋକଙ୍କୁ ସମ୍ବିଧାନ ଓ ନାଗରିକ ଅଧିକାର ସମ୍ପର୍କରେ ସଚେତନ କରିଥିଲେ।

ପଦଯାତ୍ରା ପରେ ଆସନ୍ତା ଅକ୍ଟୋବର ୮ ତାରିଖରେ ଦଳ ପକ୍ଷରୁ ଆହୂତ 'ଓଡିଶା ବନ୍ଦ'କୁ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦିଆଯାଇଥିଲା।ଏହି ଅବସରରେ କଂଗ୍ରେସ ନେତାମାନେ ଗଗଉଜ ସଂଶୋଧିତ ଅଧିନିୟମ ତୁରନ୍ତ ରଦ୍ଦ କରିବା, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରୀ ଦାବି ସହ ୫ଓଜ ପ୍ରତ୍ୟାହାର ପାଇଁ ଦାବି ଉଠାଇଥିଲେ। ସେହିପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବହିଷ୍କାର ଦାବି ମଧ୍ୟ ଉଠାଇଥିଲେ।ଏଥିସହ ନୂଆପଡା ଜିଲ୍ଲାରେ ବନ୍ୟା ବିପତ୍ତି ସମୟରେ ସରକାରୀ ଉଦାସୀନତାକୁ ନେଇ ରାଜ୍ୟ ସରକାରଙ୍କୁ କଂଗ୍ରେସ ନେତାମାନେ କଡା ସମାଲୋଚନା କରିଥିଲେ। ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଓ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି କରାଯାଇଥିଲା।

ସମ୍ବିଧାନର ସୁରକ୍ଷା, ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଓ ବିଭିନ୍ନ ଜନସମସ୍ୟାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମ ରେ ପିସିସି ସାଧାରଣ ସମ୍ପାଦକ ଫକୀର ମୋହନ ଜଗତ, ଖଡ଼ିଆଳ ବିଧାୟକ ପାର୍ଥ ତଥା ପିସିସି ସମ୍ପାଦକ କମଳ ଚରଣ ତାଣ୍ଡି,ଜିଲ୍ଲା ଉପ ସଭାପତି ଭରତ ରାଉତ, ବରିଷ୍ଠ ନେତା ପ୍ରମୋଦ ଚନ୍ଦ୍ରକାର, ଖରିଆରରୋଡ଼ ଏନଏସି ସଭାପତି ପବନ ଶର୍ମା, ଟିକେଶ୍ୱର ସାହୁ, ପାଶା ମହାନନ୍ଦ, ସୌରଭ ଚନ୍ଦ୍ରକାର, ଶାହରୁଖ ଖାନ, କନ୍ନେଇ ଲାଲ ତିୱାରୀ ସମେତ ନୂଆପଡା ଜିଲ୍ଲା କଂଗ୍ରେସ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଟାଙ୍ଗୀ-ଚୌଦ୍ୱାରରେ ସାମ୍ବାଦିକ ସଂଘର ଶାରଦୀୟ ବନ୍ଧୁ ମିଳନ



କଟକ (ମହାଭାରତ )ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ହେଡ଼କ୍ୱାର୍ଟର କୋଟସାହି ପଞ୍ଚାୟତ ଅମ୍ବିକା ପ୍ୟାଲେସ ଠାରେ ଏହି କାର୍ଯ୍ୟକ୍ରମ ଧୂମଧାମରେ ପାଳିତ ହୋଇଛି ।ସାମ୍ବାଦିକ ସଂଘର ସଭାପତି କ୍ଷେତ୍ରବାସୀ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ପ୍ରୀତି ରଞ୍ଜନ ବେହେରା, ସାମ୍ବାଦିକ ମିର୍ଜା ନସୀମ ବେଗ, ରୁଦ୍ରାଶିଷ ନାଥ, ତ୍ରିଲୋଚନ ବେହେରା, ପ୍ରଦୀପ୍ତ ସାହୁ, ରତନ ବାରିକଙ୍କ ସମେତ କଟକ ଜିଲ୍ଲାର ସମସ୍ତ ସାମ୍ବାଦିକ ଓ ସାମ୍ବାଦିକା ମାନେ ଯୋଗଦେଇଥିଲେ ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ବିଜେପି କଟକ ଜିଲ୍ଲା ଉପ-ସଭାପତି ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ଭୂଷଣ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରିଥିଲେ ।ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, ସଂଖ୍ୟାଲଘୁ ସେଲ ରାଜ୍ୟ ସଭାପତି ଆକ୍ୟୁବ ଖାଁ, ବିଜେପି ନେତା ଅରିନ୍ଦମ ରାୟ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସ୍ମୃତି ରଞ୍ଜନ କର ଉପସ୍ଥିତ ରହି ସାମ୍ବାଦିକମାନଙ୍କ କାର୍ଯ୍ୟଦକ୍ଷତା ଓ ସମାଜରେ ସେମାନଙ୍କ ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା।

## ସମାଜସେବୀ ଡ଼ା ବିଶ୍ୱନାଥ କରଙ୍କ ମାତୃ ବିୟୋଗ

ଜୁନାଗଡ, (ମହାଭାରତ) କଳାହାଣ୍ଡି ଜିଲ୍ଲାର ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ ଡ଼ା ବିଶ୍ୱନାଥ କର ଙ୍କ ମାତା ଲକ୍ଷ୍ମୀ ଦେବୀ ଙ୍କ ୯୧ ବର୍ଷ ବୟସରେ ଗତ ତା ୩/୧୦/୨୬ ରିଖ ସନ୍ଧ୍ୟା ୮ ଘଣ୍ଟା ୪୦ ମି ସମୟରେ ତାଙ୍କ ଜୁନାଗଡ ସ୍ଥିତ ବାସଭବନ ରେ ମୃତ୍ୟୁ ବରଣ କରିଛନ୍ତି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକ ର ଛାୟା ଖେଳି ଯାଇଛି। ଆଜି ସକାଳ ୭ ଘଣ୍ଟା ସମୟରେ ତାଙ୍କ ପାର୍ଥିବ ଶରୀରକୁ ଏକ ବିରାଟ ଶୋଭଯାତ୍ରାରେ ବାହାରି ତାଙ୍କ କର୍ମଭୂମି ଚିକିଲି ଗ୍ରାମକୁ ନିଆଗଲା, ଉକ୍ତ ଶୋଭାଯାତ୍ରାରେ ଅଞ୍ଚଳର ଶହ ଶହ ଲୋକ ସାମିଲ୍ ହୋଇଥିଲେ । ତାଙ୍କ ସୁପୁତ୍ର ଡ଼ା ବିଶ୍ୱନାଥ କର ମୁଖାଗ୍ନି ଦେଇଥିବା ବେଳେ ଉକ୍ତ କାର୍ଯ୍ୟ କ୍ରମରେ ବହୁଲୋକ ଓ ସମ୍ପର୍କୀୟ ସାମିଲ ହୋଇ ଶେଷ ଦର୍ଶନ କରିଥିଲେ । ରାଜ୍ୟ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ, ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ବିଧାୟକ ଦିବ୍ୟଶଙ୍କର ମିଶ୍ର, କେ ଭି ସିଂହ ଦେଓ, ମାହେଶ୍ୱରୀ ଦାସ, ନେପାଳ ଚନ୍ଦ୍ର ବାଗ ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବୃନ୍ଦ ଶୋକ ବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି ସ୍ୱର୍ଗତ ଲକ୍ଷ୍ମୀ ଦେବୀ ଜଣେ ପରୋପକାରୀ, ଦରଦୀ, ଧର୍ମ ପରାୟଣ ଓ ମିଷ୍ଟଭାଷୀ ମହିଳା ଥିଲେ ।

## ପାଟଣାଗଡ଼ରେ ଧୁମଧାମରେ ପାଳିତ ହେଲା ପୁଅ ଜିଉଁନ୍ତିଆ



ପାଟଣାଗଡ ( ମହାଭାରତ ) ପାଟଣାଗଡ଼ରେ ଧୁମଧାମରେ ପାଳିତ ହୋଇଯାଇଛି ପୁଅ ଜିଉଁନ୍ତିଆ ପର୍ବ। ପୁଅମାନଙ୍କର ଦୀର୍ଘାୟୁ, ସୁସ୍ଥତା ଓ ମଙ୍ଗଳ କାମନା କରି ମାଆମାନେ ଶ୍ରଦ୍ଧା ଓ ଭକ୍ତିର ସହ ଏହି ପର୍ବ ପାଳନ କରିଛନ୍ତି। ବିଭିନ୍ନ ପୂଜାସ୍ଥଳୀରେ ମାଆମାନଙ୍କ ଭିଡ଼ ଜମିଥିବା ବେଳେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା।ପୁଅର ସୁଖ, ଶାନ୍ତି ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାଆମାନେ ମାଆ ଜିଉଁନ୍ତିଆଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପର୍ବକୁ ନେଇ ପାଟଣାଗଡ଼ ଅଞ୍ଚଳରେ ଦେଖାଦେଇଥିଲା ଉତ୍ସବମୁଖର ପରିବେଶ।

## ଏଫ୍.ଇ.ଏସ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା। ସପ୍ତାହ ପାଳନ ସହ ସଚେତନତା ଶୋଭାଯାତ୍ରା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ରେ ଆଗ ଧାଡ଼ି ର ସେଛା ସେବୀ ସଂଗଠନ ଭାବେ ଆଗ ଧାଡ଼ି କାମ କରିଥିବା ଏଫ.ଇ.ଏସ ପକ୍ଷ ରୁ ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ରେ ' ୭୨ ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ' ପାଳନ ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଛି। ଏହି କାର୍ଯ୍ୟକ୍ରମ ଟାଙ୍ଗରପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଶୋଭାଯାତ୍ରା ବାହାରି ଅଞ୍ଚଳ ପରିକ୍ରମା କରିବା ସହ ପଞ୍ଚାୟତ ସଭାଗୃହ ରେ ଏକ ସଚେତତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ ଅନିରୁଦ୍ଧ ନାଏକ ଯୋଗଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ । ଗ୍ରାମ୍ୟ ନିର୍ବାହୀ ପଞ୍ଚାୟତ ଅଧିକାରୀ ଅଭୟ କୁମାର ଦେହୁରୀ, ପଞ୍ଚାୟତ ଅଧିକାରୀ ଅଭିଳାଷ ରାୟ, ରାଜସ୍ୱ ନିରୀକ୍ଷକ ଅନିତା ନାଏକ, ବନରକ୍ଷୀ ଯାଜ୍ଞସୀନି ଗୋଛାୟତ,ପଞ୍ଚାୟତ ରୋଜଗାର ସେବକ ଯୋଶଦା ନାୟକ ଏମ୍ବି କେ ଖୁଲଣା ନାଏକ ଉପସ୍ଥିତି ଥିଲେ। ଏହି କାର୍ଯ୍ୟକ୍ରମ ରେ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ଜଙ୍ଗଲ ବୃଦ୍ଧି ଉପରେ ତାଲିମ ସଂଯୋଜଗ ଅନାଦି ଚରଣ ମହାନ୍ତ,ବେବିରଣି ମହାପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ୭୨ ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଶୋଭାଯାତ୍ରା ରେ କାର୍ଯ୍ୟକ୍ରମ ରେ ପଞ୍ଚାୟତ ଅଧିନସ୍ଥ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ,ଇସି ମେମ୍ବର ତଥା ଗ୍ରାମବାସୀ ସାମିଲ ଥିଲେ। କାର୍ଯ୍ୟକ୍ରମ କୁ ଏଫ୍.ଇ.ଏସ ଏମ୍ ଟି ନିରଞ୍ଜନ ବିଶ୍ୱାଳ,ଏଫ୍. ଟି ଭଗବତୀ ମହାନ୍ତ, ବିଜୟ କୁମାର କାରୁଆ ସହଯୋଗ କରିଛନ୍ତି।

## ୨୫ ତମ ଓଡିଶା ରାଜ୍ୟ ସ୍ତରୀୟ ସିନିୟର ସିପକଟାକ୍ରୋ ପ୍ରତିଯୋଗିତା ଉଦଯାପିତ




ବିଷମ କଟକ:(ମହାଭାରତ): ରାୟଗଡା ଜିଲ୍ଲା ଅନ୍ତର୍ଗତ ବିଷମ କଟକ ଖେଳ ପଡିଆରେ ୨୫ ତମ ଓଡିଶା ରାଜ୍ୟ ସ୍ତରୀୟ ସିନିୟର ସିପକଟାକ୍ରୋ ପ୍ରତିଯୋଗିତା ରବିବାର ଦିନ ଉଦଯାପିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ତହସିଲଦାର ଭେଙ୍କଟସ୍ୱର ରେଡି , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦୀପ, ନେତ୍ରା ନନ୍ଦ ସତପଥି ଯୋଗଦାନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଓଡିଶାର ରାୟଗଡା, ସୁନ୍ଦରଗଡ଼, ଭଦ୍ରକ, ଫୁଲବାଣୀ, କନ୍ଧମାଳ, କେନ୍ଦୁଝର ପ୍ରମୁଖ ୧୭ଟି ଜିଲ୍ଲାରୁ ୧୯ ଟି ପୁରୁଷ ଦଳ ଏବଂ ୧୨ ଟି ମହିଳା ଦଳ ଅଂଶ ଗ୍ରହଣ କରିଛନ୍ତି । ରାୟଗଡା ବାଳକ ଦଳ ଚାମ୍ପିୟନ ହୋଇଥିବା ବେଳେ କଟକ ଦଳ ରନର୍ସ ଅପ ହୋଇଥିଲେ । ରାୟଗଡା ସିପକଟାକ୍ରୋ ସଂଘ ଏବଂ ନେତାଜୀ ସୋସିଆଲ କଲଚରାଲ ଓ ସ୍ପୋର୍ଟିଂ କ୍ଲବ ବିଷମକଟକର ମିଳିତ ଆନୁକୂଲ୍ୟରେ ପ୍ରତିଯୋଗିତାକୁ ସଫଳ ଆୟୋଜନ କରିଥିଲେ । ଓଡିଶା ରାଜ୍ୟ ସିପକଟାକ୍ରୋ ସଂଘ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରୁଖୁରୁରେ ଖେଳ ଚାଲିଛି । ଏହି ଅବସରରେ ରାଜ୍ୟ ଉପ ସଭାପତି ପ୍ରଭାସ ଶୁଭଦର୍ଶନ ମହାନ୍ତି, ସୁନ୍ଦରଗଡ଼ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀ, କନ୍ଧମାଳ ସେକ୍ରେଟାରୀ, ଜଗତସିଂହପୁର ଓ ଭଦ୍ରକ ସେକ୍ରେଟାରୀ ଉପସ୍ଥିତ ଥିଲେ । ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଅନୁଷ୍ଠାନର ମନୋଜ ପ୍ରଧାନ, ସମର କୁମାର ସାହୁ, ସନ୍ତୋଷ କୁମାର ନାଏକ, ଅମିତାଭ ପଟ୍ଟନାୟକ, ରିଙ୍କୁ ଦଣ୍ଡସେନା, ଯୁଗଳ କିଶୋର ଭୀମସିଂ , ଟିଟୁ ଦାସ, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିବ ରାମ ନାଏକ ମଞ୍ଚ ପରିଚାଳନା କରୁଥିଲେ । ଉଭୟ ବର୍ଗର ଚୟନ ଖେଳାଳି ମାନେ ରାୟଗଡା ଜିଲ୍ଲା ବିଷମ କଟକ କ୍ୟାମ୍ପରେ ରହି ଖେଳ ଅଭ୍ୟାସ କରିବେ । ସେଇଥିରୁ ଯେଉଁ ମାନେ ଚୟନ ହେବ ଆସନ୍ତା ୩୦ ରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ଘୁଗୁଡ଼ିପଡ଼ାରେ କଳାକାର ମହାସଂଘ ବୈଠକ



ଦଶପଲ୍ଲା, (ମହାଭାରତ):ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ପଞ୍ଚାୟତ କଳାକାର ମହାସଂଘର ଏକ ସାଧାରଣ ବୈଠକ ରବିବାର ବିମ୍ବାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାକାର ମହାସଂଘ ସଂଯୋଜକ କିଶୋର ଚନ୍ଦ୍ର ଦଳବେହେରା ଯୋଗଦେଇ କଳାକାରମାନଙ୍କୁ 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ ବୃକ୍ଷରୋପଣ, ସ୍ୱଚ୍ଛତା ଓ ପଲିଥିନ ବର୍ଜନ ଭଳି ସାମାଜିକ କାର୍ଯ୍ୟରେ ଭାଗ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କେତନ ଶତପଥୀ, ବୃନ୍ଦାବନ ପ୍ରଧାନ, ଯୁଗଳ କିଶୋର ଦଳବେହେରା, ସୁଶାନ୍ତ ପ୍ରଧାନ ଓ ସଞ୍ଜୟ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଦଣ୍ଡନାଚ, ଘୁଡୁକି, ଦଶକାଠିଆ, ପାଲା ଓ ନାଟକ ଆଦି ବିଭିନ୍ନ ଲୋକକଳାର ଶତାଧିକ କଳାକାର ଉପସ୍ଥିତ ରହି କଳାକାର ଭତ୍ତା, ବାଦ୍ୟଯନ୍ତ୍ର ସହାୟତା, ଭାଗବତ ଟୁଙ୍ଗି ନିର୍ମାଣ ଓ ଯୋଜନାରେ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଶେଷରେ ଯୁଗଳ କିଶୋର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରବାସ ପିଲାମାନଙ୍କ ମଧ୍ୟରେ ବାଳ-ମୁକୁନ୍ଦ ସଂସ୍କାର କାର୍ଯ୍ୟକ୍ରମ




ଗଜପତି(ମହାଭାରତ): ସ୍ଥାନୀୟ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ ରବିବାର ଛାତ୍ରବାସର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ନେଇ ମାତୃ ନବମୀ ଶ୍ରାଦ୍ଧ ତଥା ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଅବସରରେ ଏକ ସ୍ୱତନ୍ତ୍ର ସଂସ୍କାରମୂଳକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ଚୌଧୁରୀ ଏଥିରେ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପିଲାମାନଙ୍କ ଭିତରେ ନୈତିକତା, ମାତୃଭକ୍ତି ଏବଂ ଜୀବଦୟାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ପୂର୍ବାହ୍ନରେ ଡ଼ଃ ସତ୍ୟନାରାୟଣ ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରବାସ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯାଇଥିଲା। ପ୍ରଥମ ଦଳକୁ ମାତୃ ନବମୀ ଶ୍ରାଦ୍ଧର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ତଥା ଦ୍ୱିତୀୟ ଦଳକୁ ଅକ୍ଟୋବର ୪ ତାରିଖ 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ' ର ତାତ୍ପର୍ଯ୍ୟ ବୁଝାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ଚୌଧୁରୀ 'ହୃଦୟରେ ରହୁ ମାତୃଭକ୍ତିର ଶ୍ରଦ୍ଧା, ଆଚରଣରେ ରହୁ ପ୍ରାଣୀଜଗତ ପ୍ରତି ଦୟା' ଶୀର୍ଷକ ବାର୍ତ୍ତା ଦେଇ କହିଥିଲେ ଯେ, ପିତୃପକ୍ଷର ପଞ୍ଚବଳିରେ ଗୋମାତା, କୁକୁର ଓ ପକ୍ଷୀଙ୍କୁ ଆହାର ଦେବାର ପରମ୍ପରା ହିଁ ପ୍ରକୃତି ଓ ଜୀବଜଗତ ସହ ଆମର ନିବିଡ଼ ସମ୍ପର୍କକୁ ପ୍ରମାଣିତ କରେ। ?ସେହିପରି ଅପରାହ୍ନରେ ଆର୍ବାନ (ସହରାଞ୍ଚଳ) ଛାତ୍ରବାସର ଛାତ୍ରମାନଙ୍କୁ ନେଇ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ 'ମୂକ ପ୍ରାଣୀଙ୍କ ସେବା ହିଁ ପ୍ରକୃତ ଈଶ୍ୱର ସେବା ଓ ମାତୃ ଶ୍ରଦ୍ଧାର ସର୍ବୋତ୍ତମ ପରିପ୍ରକାଶ' ବିଷୟବସ୍ତୁ ଉପରେ ଏକ ପ୍ରେରଣାଦାୟୀ ଶିଶୁ କାହାଣୀ ମାଧ୍ୟମରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ନିଜ ଆଖପାଖରେ ଥିବା ଅସହାୟ ବୁଲା ପଶୁପକ୍ଷୀଙ୍କ ପ୍ରତି କ୍ରୂରତା ନଦେଖାଇ ସେମାନଙ୍କୁ ଜଳ-ଦାନା ଯୋଗାଇବା ଏବଂ କ୍ଷତବିକ୍ଷତ ପ୍ରାଣୀଙ୍କୁ ସହାନୁଭୂତି ଦେବା ପାଇଁ ଛାତ୍ରମାନେ ସଂକଳ୍ପ ନେଇଥିଲେ। ?ଛାତ୍ରବାସର ଶିକ୍ଷକ, ତତ୍ତ୍ୱାବଧାରକ ତଥା ଛାତ୍ରଛାତ୍ରୀମାନଙ୍କ ଉତ୍ସାହୀ ଅଂଶଗ୍ରହଣ ମଧ୍ୟରେ ଏହି ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଥିଲା।

## ବିଜେଡି ପକ୍ଷରୁ ଗାନ୍ଧିଜୟନ୍ତୀ ଅବସରରେ ଜନସମ୍ପର୍କ ପଦଯାତ୍ରା




ଗଜପତି(ମହାଭାରତ): ଗାନ୍ଧିଜୟନ୍ତୀ ଅବସରରେ ଗଜପତି ଜିଲ୍ଲା ଗୋଷାଣୀ ବ୍ଲକରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମାଛମରା ଓ କଣ୍ଟାଗଡ଼ ଅଞ୍ଚଳ ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରାରେ ବିଜେଡିର ନେତା, ପଦାଧିକାରୀ, ଯୁବ ଓ ଛାତ୍ର ନେତା, ମହିଳା କର୍ମୀ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ। ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନସମ୍ପର୍କ ପଦଯାତ୍ରାରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା ଓ ଗଜପତି ରାଓଙ୍କ ସମେତ ଦଳର ବିଭିନ୍ନ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଗାରାବନ୍ଧଠାରୁ ପଦଯାତ୍ରା ଆରମ୍ଭ ହେବା ପରେ ଦଳୀୟ ନେତା ଓ କର୍ମୀମାନେ ଏକାଠି ହୋଇ ବିଭିନ୍ନ ଗ୍ରାମ ଓ ଜନବସତି ଦେଇ ମାଛମରା ଓ କଣ୍ଟାଗଡ଼ ଅଭିମୁଖେ ଅଗ୍ରସର ହୋଇଥିଲେ। ପଦଯାତ୍ରା ସମୟରେ ଅଞ୍ଚଳବାସୀଙ୍କ ସହ ଦଳୀୟ ନେତାମାନେ ସିଧାସଳଖ ମତବିନିମୟ କରିଥିଲେ। ଲୋକଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହ ସ୍ଥାନୀୟ ସମସ୍ୟାଗୁଡ଼ିକୁ ଶୁଣିଥିଲେ। ପଦଯାତ୍ରା ଅବସରରେ ଗ୍ରାମାଞ୍ଚଳରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜୀବିକା ଭଳି ବିଭିନ୍ନ ମୌଳିକ ପ୍ରସଙ୍ଗ ନେଇ ଲୋକଙ୍କ ସହ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ଏବଂ ସେମାନଙ୍କ ମତାମତ ଓ ସମସ୍ୟା ଜାଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳୀୟ ନେତାମାନେ କହିଥିଲେ। ଏହି ଅବସରରେ ଦଳୀୟ କର୍ମୀମାନେ ବିଜେଡିର ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ଓ ଜନସମ୍ପର୍କ ଅଭିଯାନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସକ୍ରିୟ କରିବା ସହ ସାଧାରଣ ଲୋକଙ୍କ ସହ ନିୟମିତ ଯୋଗାଯୋଗ ରଖିବା ଓ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକୁ ଉପଯୁକ୍ତ ମଞ୍ଚରେ ଉଠାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଜ୍ଞାନେଶ କୁମାରଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ



ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନାଁରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି କେରଳ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା। ଏହି ତଦନ୍ତ 'ଭିଜିଲାନ୍ସ ଆଣ୍ଡ ଆଣ୍ଟି-କରପସନ୍ ବ୍ୟୁରୋ' (ଠଇଉଇ) ଦ୍ୱାରା କରାଯିବ। ଜ୍ଞାନେଶ କୁମାର ୨୦୦୬ ମସିହାରେ କେରଳର ପୂର୍ତ୍ତ ବିଭାଗ ସଚିବ ଥିବା ବେଳେ ଘଟିଥିବା ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଛି। ଏହି ମାମଲା ମାଲେସିଆର ସିଭିଲ୍ ଇଞ୍ଜିନିୟର ଲି ସି ବିନ୍ (ଖରର ଝରର ଈରରଭ)ଙ୍କ ତଥାକଥିତ ଆତ୍ମହତ୍ୟା ଘଟଣା ସହିତ ଜଡ଼ିତ । ସେ 'ଚଇଞଓ-ଈରଖ' ନାମକ ସଂଯୁକ୍ତ କମ୍ପାନୀ ସହିତ ଜଡ଼ିତ ଥିଲେ। ଏହି ସଂଯୁକ୍ତ କମ୍ପାନୀକୁ 'କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ' (କଝଞଚ) ଅଧୀନରେ ଏକ ରାସ୍ତାର ଉନ୍ନତିକରଣ ଦାୟିତ୍ୱ ଦିଆଯାଇଥିଲା।ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ନୋଟରେ ସେତେବେଳର ରାଜ୍ୟ ଚଡଉ ସଚିବ ଥିବା ଜ୍ଞାନେଶ କୁମାରଙ୍କ ନାମ ଉଲ୍ଲେଖ ଥିଲା। ୨୦୦୬ରେ କରାଯାଇଥିବା ପ୍ରାଥମିକ ତଦନ୍ତ ବାହ୍ୟ ଚାପ ଯୋଗୁ ବାଟବଣା ହୋଇଥିଲା ବୋଲି ଅଭିଯୋଗ ହେବା ପରେ ଏବେ ନୂଆ କରି ତଦନ୍ତ ଆରମ୍ଭ କରିବାକୁ କୁହାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ କେରଳର ଗୃହ ବିଭାଗ ୨୦୦୬ର ଠଇଉଇ ପ୍ରାଥମିକ ତଦନ୍ତ ସମ୍ବନ୍ଧୀୟ ସମସ୍ତ ଫାଇଲ୍ ମାଗିଛନ୍ତି। ରାଜ୍ୟ ଗୃହମନ୍ତ୍ରୀ ରମେଶ ଚେନ୍ନିଥାଲା ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ବାହ୍ୟ ପ୍ରଭାବ ସମ୍ବନ୍ଧୀୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ତଦନ୍ତର ଫଳାଫଳ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଗୃହମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ବାହ୍ୟ ପ୍ରଭାବର ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିପାଇଁ ଏକ ବିସ୍ତୃତ ତଦନ୍ତ ଆବଶ୍ୟକ।

ଶନିବାର ଦିନ କଂଗ୍ରେସ ନେତା ମାଲାୟିନକିଝୁ ଭେନୁଗୋପାଳ ସିଇସି ଜ୍ଞାନେଶ କୁମାରଙ୍କ ବିରୁଦ୍ଧରେ ତଦନ୍ତ ଦାବି କରି ଅଭିଯୋଗପତ୍ର ଦାଖଲ କରିବା ପରେ ରମେଶ ଚେନ୍ନିଥାଲା ଏହି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସେ ଅଭିଯୋଗକୁ ଯାଞ୍ଚ କରିଛନ୍ତି ଏବଂ ଏଥିରେ ଥିବା ଅଭିଯୋଗଗୁଡ଼ିକ ଯଥାର୍ଥ ବୋଲି ମନେ କରିଛନ୍ତି। ୨୦୦୬ ମସିହାରେ, କେରଳ ଷ୍ଟେଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ (କଝଞଚ) ଦ୍ୱାରା ଅଙ୍ଗାମାଲିରୁ ତିରୁଅନନ୍ତପୁରମ୍ ପର୍ଯ୍ୟନ୍ତ ଏମ୍.ସି. (ଗଉ) ରୋଡ୍‌ର ପୁନଃନିର୍ମାଣ ପାଇଁ ବିଶ୍ୱ ବ୍ୟାଙ୍କ ଅନୁଦାନପ୍ରାପ୍ତ ୨୧୫ କୋଟି ଟଙ୍କାର ଏକ ପ୍ରକଳ୍ପକୁ ହାତକୁ ନିଆଯାଇଥିଲା। ଏକ ମାଲେସୀୟ କମ୍ପାନୀ ଏବଂ ଭାଗୀରଥ ଇଞ୍ଜିନିୟରିଂର ମିଳିତ ଉଦ୍ୟୋଗରେ 'ପାଟି-ବେଲ୍' ଏହି ପ୍ରକଳ୍ପରେ କାର୍ଯ୍ୟ କରିଥିଲା।

## ଯନ୍ତରମନ୍ତରରେ ବିକ୍ଷୋଭ ବେଳେ ୩ ମହିଳା ସାମ୍ବାଦିକଙ୍କୁ ପୁଲିସର ଅସଦାଚରଣ ଅଭିଯୋଗ

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗତକାଲି ଦିଲ୍ଲୀର ଯନ୍ତରମନ୍ତରରେ ହୋଇଥିବା ବିକ୍ଷୋଭ ବେଳେ ପୁଲିସ୍ କର୍ମଚାରୀମାନେ ୩ ଜଣ ମହିଳା ସାମ୍ବାଦିକଙ୍କୁ ଅସଦାଚରଣ କରିଥିବା




ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଦିଲ୍ଲୀ ପୁଲିସ କହିଛି ଯେ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମାମଲାଟିକୁ କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ଏହି ତିନି ମହିଳା ସାମ୍ବାଦିକଙ୍କ ମଧ୍ୟରୁ ଜଣେ କହିଛନ୍ତି ଯେ ତାଙ୍କୁ ଦିଲ୍ଲୀ ପୁଲିସର ଜଣେ ଏସିପି (ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ) ଅସଦାଚରଣ କରିଥିଲେ। ସେହି ପୁଲିସ ଅଧିକାରୀ ତାଙ୍କ ଶରୀରକୁ ଅନୁଚିତ ଭାବେ ସ୍ପର୍ଶ କରିଥିଲେ ଓ ଠେଲି ଦେଇଥିଲେ। ସେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ରେକର୍ଡ କରୁଥିବା ବେଳେ ତାଙ୍କ ସହିତ ଏହି ଅସଦାଚରଣ କରାଯାଇଥିଲା। ସେ କହିଛନ୍ତି ଯେ ଏହି ଘଟଣା ପରେ ସେ ଓ ଅନ୍ୟମାନେ ଥାନାକୁ ଯାଇଥିଲେ। ସେମାନେ ଏହି ଘଟଣା ନେଇ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଉପସ୍ଥିତ ପୁଲିସ ଅଧିକାରୀ ସେମାନଙ୍କ ଅଭିଯୋଗକୁ ସଙ୍ଗେ ସଙ୍ଗେ ଗ୍ରହଣ କରି ନଥିଲେ।

ଦିଲ୍ଲୀ ପୁଲିସ କହିଛି ଯେ ସେମାନଙ୍କ (ତିନି ମହିଳା ସାମ୍ବାଦିକଙ୍କ) ଅଭିଯୋଗ ଆମେ ପାଇଛୁ। ତଦନ୍ତ ପାଇଁ ସେଗୁଡ଼ିକୁ କ୍ରାଇମ ବ୍ରାଞ୍ଚକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ସ୍ତବ୍ଧ ହେବା ସହିତ ଗଭୀର ଚିନ୍ତା ପ୍ରକାଶ କରିଛି। ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ କହିଛି ଯେ ଗଣତନ୍ତ୍ରରେ ଏଭଳି ବ୍ୟବହାର ସ୍ୱାଭାବିକ ନୁହେଁ। ସାମ୍ବାଦିକଙ୍କୁ କୌଣସି ଭୟ ନଦେଖାଇ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବା ଦରକାର। ଦିଲ୍ଲୀ ପୁଲିସ୍ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ନିକଟରୁ ଜବାବ ଦାବି କରିଛନ୍ତି। ସେ କହିଛନ୍ତି ଯେ ଯେହେତୁ ଦିଲ୍ଲୀ ପୁଲିସ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ରହିଛି, ତେଣୁ ଅମିତ ଶାହ ଏହାର ଜବାବ ଦିଅନ୍ତୁ।

## ୟୁକ୍ରେନ୍‌ରେ ଭାରତୀୟ ଔଷଧ କାରଖାନାରେ ରୁଷର ଡ୍ରୋନ୍ ଆକ୍ରମଣ; ଜଣେ ମୃତ, ଅନେକ ଆହତ



ନୂଆଦିଲ୍ଲୀ : ୟୁକ୍ରେନର ସୁମୀରେ ଥିବା ଭାରତର କୁସୁମ୍ ଗ୍ରୁପ୍‌ର ଏକ ଔଷଧ କାରଖାନାକୁ ଟାର୍ଗେଟ୍ କରିଛି ରୁଷ। ଡ୍ରୋନ୍ ଆକ୍ରମଣରେ କାରଖାନାର ବ୍ୟାପକ କ୍ଷତି ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। କୁସୁମ ଗ୍ରୁପ୍ ୧୯୯୪ରେ ପ୍ରତିଷ୍ଠା ହୋଇଥିଲା। ପ୍ରଥମେ ଏହା ଏକ ଔଷଧ ବିତରକ କମ୍ପାନୀ ଥିଲା। ଏହା ଭାରତରୁ ୟୁକ୍ରେନ୍‌କୁ ଔଷଧ ରପ୍ତାନୀ କରୁଥିଲେ। ୨୦୦୨ରୁ ଏହା ଅନ୍ୟ କମ୍ପାନୀଗୁଡ଼ିକର ଔଷଧ ବିକ୍ରି କରିବା ବନ୍ଦ କୀ ଦେଇଥିଲା ଓ ନିଜର ବ୍ରାଣ୍ଡ ତିଆରି କରିଥିଲା। ପରେ ଏହା ଔଷଧ ତିଆରି କ୍ଷେତ୍ରରେ ପ୍ରବେଶ କରିଥିଲା। ୨୦୦୭ରେ ଏହା ଭାରତରେ କାରଖାନା ଖୋଲିଥିଲା। ୨୦୦୯ରେ ଏହା ୟୁକ୍ରେନର ସୁମୀରେ ଔଷଧ ତିଆରି କାରଖାନା ପ୍ରତିଷ୍ଠା କରିଥିଲା। ଭାରତରେ କମ୍ପାନୀର ଆଉ ଦୁଇଟି କାରଖାନା ଅଛି। କୁସୁମ ଗ୍ରୁପ୍ ୫୦ରୁ ଅଧିକ ପ୍ରକାରର ଔଷଧ ପ୍ରସ୍ତୁତ କରୁଥିବା ବେଳେ ସେଗୁଡ଼ିକୁ ୯ଟି ଦେଶରେ ବିକ୍ରି କରିଥାଏ। କମ୍ପାନୀ ମୁଖ୍ୟତଃ ୟୁକ୍ରେନ୍, ଉଜ୍‌ବେକିସ୍ତାନ, କାଜାଖାସ୍ତାନ ଓ ଫିଲିପାଇନ୍ସରେ ଔଷଧ ବିକ୍ରି କରୁଛି। ରୁଷ-ୟୁକ୍ରେନ ଯୁଦ୍ଧ ଚାଲିଥିବା ସତ୍ତ୍ୱେ କଂପାନୀ ସୁମୀ ସ୍ଥିତ ପ୍ଲାଣ୍ଟ ଚାଲୁ ରଖିଛି। କିନ୍ତୁ ଏବେ କମ୍ପାନୀ ଖୁବ୍ ପ୍ରଭାବିତ ହେଲାଣି। ଏହାର କ୍ଷତି ଅତିକମ୍‌ରେ ୪୦୦ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି 'ଏକ୍ସ'ରେ ଏକ ପୋଷ୍ଟ କରି ରୁଷର ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏହା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି।

## ସ୍ମିତ ମଚ୍ଛାରଙ୍କ ସହ କଥାହେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ

ସ୍ମିତ ମଚ୍ଛାରଙ୍କ ସହ କଥା ହେଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ । ସ୍ମିତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କଲେ । ଇସ୍ରାଏଲ, ଭାରତ ଓ ସାରା ବିଶ୍ୱର ହିରୋ ଭାବେ ମଚ୍ଛାରଙ୍କୁ ସମ୍ବୋଧନ କଲେ ନେତନ୍ୟାହୁ । ଇସ୍ରାଏଲ ସ୍ୱାଧୀନତା ସମାରୋହରେ ସ୍ମିତଙ୍କୁ ସାମିଲ ହେବାକୁ ସେ ନିମନ୍ତ୍ରଣ ଦେଇଛନ୍ତି । ମଶାଲ ପ୍ରଜ୍ୱଳନ ଦିବସରେ ସାମିଲ ହେବାକୁ ଆମନ୍ତ୍ରଣ କରିଛନ୍ତି । ଏହା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିଜର ପ୍ରିୟ ବନ୍ଧୁ ଭାବେ ସମ୍ବୋଧନ କରି ମୋଦିଙ୍କୁ ମଧ୍ୟ ସ୍ୱାଧୀନତା ସମାରୋହରେ ଯୋଗ ଦେବାକୁ ଆମନ୍ତ୍ରଣ ଦେଇଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ । କିଛିଦିନ ପୂର୍ବରୁ ହସ୍ପିଟାଲ ବେଡରେ ଥିବା ସ୍ମିତଙ୍କ ସହ ଭିଡିଓ କଲରେ କଥା ହୋଇଥିଲେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କକପିଟ୍‌ରେ ସହ ପାଇଲଟଙ୍କ ସହ ଲଢ଼ି ସ୍ମିତ ୧୭୦ରୁ ଅଧିକ ବିମାନ ଯାତ୍ରୀଙ୍କ ଜୀବନ ବଞ୍ଚାଇଥିବାରୁ ମୋଦି ତାଙ୍କ ସାହାସକୁ ପ୍ରଶଂସା କରିଥିଲେ । ଏଥିସହ ଘଟଣା ସମ୍ପର୍କରେ ତାଙ୍କ ସହ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରିଥିଲେ । ଏହି ସମୟରେ ସ୍ମିତ ନିଜ ବୀରତା



ବଳରେ ସମସ୍ତ ଭାରତୀୟ ପାଇଲଟଙ୍କ ସମ୍ମାନକୁ ବଞ୍ଚାଇ ଦେଇଥିବା କହି ମଧ୍ୟ ମୋଦି କହିଥିଲେ । ଫ୍ଲାଏଦୁବାଇର କ୍ୟାପଟେନ ସ୍ମିତ ଦୁବାଇରୁ ଇସ୍ରାଏଲକୁ ବିମାନ ଉଡ଼ାଣ କରିଥିଲେ। ବିମାନରେ ୧୭୪ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ରହିଥିଲେ। ବିମାନଟି ପ୍ରାୟ ୩୪ ହଜାର ଫୁଟ ଉପରେ ଥିବା ବେଳେ କକପିଟ୍‌ରେ ଥିବା ସହ ପାଇଲଟ୍ ହଠାତ ଧାରୁଆ ଅସ୍ତ୍ରରେ ସ୍ମିତଙ୍କୁ ଆକ୍ରମଣ କରିଥିଲେ। ଓମାନର ସହ ପାଇଲଟ୍ ବିମାନକୁ ହାଇଜାକ କରି ୯/୧୧ ଷ୍ଟାଇଲରେ ଆତଙ୍କବାଦୀ ହମଲା କରିବାକୁ ଚାହୁଁଥିଲେ। ହେଲେ ସ୍ମିତଙ୍କ ସାହାସ ଓ କିଛି ଯାତ୍ରୀଙ୍କ ସହାୟତା ଯୋଗୁ ବଡ଼ ଅଘଟଣ ଟଳିଥିଲା। ସ୍ମିତ ଏହି ସମୟରେ ଗୁରୁତର ଆହତ ହୋଇଥିଲେ। ବିମାନ ସାଉଦି ଆରବର ତାବୁକରେ ଜରୁରୀ ଅବତରଣ କରିବା ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ କାଲି ଠାରୁ ଚିକିତ୍ସିତ ଥିବା ସ୍ମିତଙ୍କୁ ଆଜି ଅଧିକ ଚିକିତ୍ସା ପାଇଁ ଦୁବାଇ ଏୟାରଲିଫ୍ଟ କରାଯାଇଥିଲା । ସ୍ମିତଙ୍କ ବୀରତ୍ୱକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଠାରୁ ଆରମ୍ଭ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଏ ବିଶ୍ୱ ନେତାମାନେ ପ୍ରଶଂସା କରିଛନ୍ତି।

## ଆମେରିକା ଉପକୂଳରେ ନିଖୋଜ ମେଡିକାଲ୍ ବିମାନର ମିଳିଲା ଭଗ୍ନାବଶେଷ, ଉଦ୍ଧାରକାର୍ଯ୍ୟ ଜାରି, ୬ ସଦସ୍ୟଙ୍କ ମିଳୁନି ସନ୍ଧାନ...

ନୂଆଦିଲ୍ଲୀ : ଆମେରିକାର ନନଟକେଟ୍ ଉପକୂଳରେ ଏକ ନିଖୋଜ ମେଡିକାଲ ଏଭାକୁଏସନ୍ ବିମାନର ଭଗ୍ନାବଶେଷ ଦେଖିବାକୁ ମିଳିଛି । ବରମୁଡାରୁ ବୋଷ୍ଟନ୍ ଅଭିମୁଖେ ଯାତ୍ରା ସମୟରେ ବିମାନଟି ୬ ଜଣଙ୍କ ସହ ନିଖୋଜ ହୋଇଯାଇଥିଲା । ଆମେରିକୀୟ କୋଷ୍ଟଗାର୍ଡ ଏହି ସୂଚନା ଦେଇଛନ୍ତି । ବର୍ତ୍ତମାନ ସର୍ଚ୍ଚ ଓ ଉଦ୍ଧାର କାର୍ଯ୍ୟ ଚାଲିଛି । ଆମେରିକୀୟ କୋଷ୍ଟଗାର୍ଡଙ୍କ ଅନୁଯାୟୀ, ଶନିବାର (ସ୍ଥାନୀୟ ସମୟ) ପ୍ରାୟ ୨ଟା ସମୟରେ ଫେଡେରାଲ୍ ଆଭିଏସନ୍ ଆଡମିନିଷ୍ଟ୍ରେସନ୍ ଫେଡେରାଲ୍ କର୍ତ୍ତୃପକ୍ଷଙ୍କୁ ସୂଚିତ କରିଛି ଯେ ଗଲ୍ଫଷ୍ଟ୍ରିମ୍ ଏ୧୦୦ ବିମାନ ସହିତ ଯୋଗାଯୋଗ ନଷ୍ଟ ହୋଇଯାଇଛି । ଏହି ବିମାନଟି କାନାଡାର ଏରୋ-ମେଡିକାଲ ପରିବହନ ସେବା କମ୍ପାନୀ 'ଲାଟିଚ୍ୟୁଡ୍ ଏୟାର ଆମ୍ବୁଲାନ୍ସ' ଦ୍ୱାରା ପରିଚାଳିତ ହେଉଥିଲା। ଆମେରିକାର କୋଷ୍ଟଗାର୍ଡ କହିଛନ୍ତି ଯେ, ମେଡିକାଲ ପରିବହନ ବିମାନରେ ଥିବା ୬ ଜଣଙ୍କୁ ଖୋଜାଖୋଜି ଜାରି ରହିଛି, ଯାହା ଶନିବାର ନିଖୋଜ ହୋଇଯାଇଥିବା ଅନୁସନ୍ଧାନକାରୀ ଦଳ ନାଣ୍ଟୁକେଟ ଉପକୂଳରୁ ଆବର୍ଜନା ପାଇବା ପରେ ବିମାନରୁ ଆସିଥିବା ପ୍ରମାଣିତ ହୋଇଛି । ଯାତ୍ରୀଙ୍କ ତାଲିକାରେ ୪ ଜଣ କାନାଡିୟ ଏବଂ ୨ ବରମୁଡା ନାଗରିକ ଅଛନ୍ତି ବୋଲି ଅଧିକାରୀ ମାନେ ନିଶ୍ଚିତ କରିଛନ୍ତି ଏବଂ ସେମାନଙ୍କ ପରବର୍ତ୍ତୀ ସମ୍ପର୍କୀୟଙ୍କୁ ସୂଚନା ଦିଆଯାଇଛି ବୋଲି କହିଛନ୍ତି। ସେ କହିଛନ୍ତି, 'କୋଷ୍ଟଗାର୍ଡ ସର୍ଚ୍ଚ ଟିମ୍ ଅଳିଆ ଆବର୍ଜନା ରଖିଛନ୍ତି ଯାହା ନିଖୋଜ ବିମାନର ବୋଲି ପ୍ରମାଣିତ ହୋଇଛି । ବିମାନରେ ଥିବା ୬ଜଣଙ୍କୁ କ୍ରୁମାନେ ଖୋଜିବା ଜାରି ରଖିଛନ୍ତି ଏବଂ କୋଷ୍ଟଗାର୍ଡ ଜାହାଜ ୱିଲିୟମ୍ ସ୍ୱାରଲିଙ୍ଗ ରାତିସାରା ଖୋଜା ଜାରି ରଖିବେ।'

## ହର୍ମୁଜ୍ ଖୋଲିବାକୁ ଆମେରିକା ଆଗରେ ଇରାନର ୭ ସର୍ତ୍ତ, ନମାନିଲେ ବନ୍ଦ ରହିବ ସମୁଦ୍ରପଥ



ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତୀବ୍ରତା କିଛିଟା କମିଥିବା ଦେଖାଯାଉଥିଲେ ମଧ୍ୟ ହର୍ମୁଜ୍ ଜଳସନ୍ଧିକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଟଣାଓଟରା ଜାରି ରହିଛି । ବିଶ୍ୱ ଜଳବିଦ୍ୟୁତ ଓ ତୈଳ ବ୍ୟାପାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସମୁଦ୍ରପଥକୁ ପୁଣି ଖୋଲିବା ପାଇଁ ଆମେରିକାକୁ ୭ଟି ସର୍ତ୍ତ ପୂରଣ କରିବାକୁ ହେବ ବୋଲି ଇରାନ ସ୍ପଷ୍ଟ କରିଛି । ଇରାନର ସଂସଦ ଅଧ୍ୟକ୍ଷ ମହମ୍ମଦ ବାଗେର ଘାଲିବାଫ କହିଛନ୍ତି ଯେ, ଜୁନ୍‌ରେ ହୋଇଥିବା ଇସ୍ଲାମାବାଦ ବୁଝାମଣାପତ୍ର ଆଧାରିତ ୭ଟି ସର୍ତ୍ତ ପୂରଣ ହେବା ପର୍ଯ୍ୟନ୍ତ ହର୍ମୁଜ୍ ଜଳସନ୍ଧି ଖୋଲାଯିବ ନାହିଁ । ତାଙ୍କ କହିବା ଅନୁସାରେ, ଆମେରିକା ମଧ୍ୟସ୍ଥଙ୍କ ଜରିଆରେ କିଛି ପ୍ରସ୍ତାବ ପଠାଇଛି, କିନ୍ତୁ ଆଲୋଚନାକୁ ଅନାବଶ୍ୟକ ଭାବେ ଲମ୍ବା କରିବା କିମ୍ବା ଏକପାଖିଆ ସର୍ତ୍ତ ଥୋପିବାକୁ ତେହରାନ ଆଉ ଗ୍ରହଣ କରିବ ନାହିଁ। ଅନ୍ୟପଟେ ଇରାନର ବିଦେଶମନ୍ତ୍ରୀ ଅବ୍ବାସ ଆରାଘଚି କହିଛନ୍ତି, ତେହରାନ ଦେଇଥିବା ପ୍ରସ୍ତାବକୁ ୱାଶିଂଟନ ମାନିଲେ ୭ ଦିନ ମଧ୍ୟରେ ହର୍ମୁଜ୍ ଜଳସନ୍ଧିକୁ ପୁଣି ଖୋଲାଯାଇପାରିବ। ଇରାନର ପ୍ରସ୍ତାବରେ ସମସ୍ତ ମୋର୍ଚ୍ଚାରେ ସଂଘର୍ଷ ବନ୍ଦ, ଜମା ହୋଇଥିବା ଇରାନୀ ଅର୍ଥ ମୁକ୍ତ କରିବା, ତୈଳ ଉପରେ ଥିବା ପ୍ରତିବନ୍ଧକ ହଟାଇବା ଏବଂ ଇରାନୀ ବନ୍ଦରଗୁଡ଼ିକ ଉପରୁ ନୌସେନା ଅବରୋଧ ହଟାଇବା ଭଳି ବିଷୟ ରହିଥିବା କୁହାଯାଉଛି । ଆରାଘଚି ଏହା ମଧ୍ୟ କହିଛନ୍ତି ଯେ ଇରାନ କୂଟନୀତିକ ସମାଧାନକୁ ପ୍ରାଥମିକତା ଦେଉଛି। କିନ୍ତୁ ଆମେରିକା ପୁଣି ସାମରିକ ପଦକ୍ଷେପ ନେଲେ, ତେହରାନ ପୂର୍ବଠାରୁ ଅଧିକ ପ୍ରସ୍ତୁତ ଅଛି ଏବଂ ନିଜ ସୁରକ୍ଷା ପାଇଁ ଆବଶ୍ୟକ ପ୍ରତିକ୍ରିୟା ଦେବ ବୋଲି ସେ ସତର୍କ କରାଇଛନ୍ତି । ହର୍ମୁଜ୍‌କୁ ନେଇ ଏହି ଅନିଶ୍ଚିତତା ବିଶ୍ୱ ତୈଳ ବଜାର ଓ ସମୁଦ୍ର ବ୍ୟାପାର ଉପରେ ଚାପ ଜାରି ରଖିଛି। ତେବେ ବିକଳ୍ପ ରୁଟ୍ ବ୍ୟବହାର ବଢ଼ିବାରୁ ସେପଟେମ୍ବରରେ ପଶ୍ଚିମ ଏସିଆର ଅନ୍ୟ ଦେଶମାନଙ୍କ ତୈଳ ରପ୍ତାନି ପୁଣି ଯୁଦ୍ଧ ପୂର୍ବ ସ୍ତରକୁ ନିକଟତର ହୋଇଥିବା ରିପୋର୍ଟ ମିଳିଛି ।

# ଶେଖ ହାସିନା କେବେ ବାଂଲାଦେଶ ଫେରିବେ, ଉତ୍ତର ଦେଲା ଭାରତ



ନୂଆଦିଲ୍ଲୀ/ଢାକା : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇ ଭାରତ କହିଛି ଯେ ତାଙ୍କ ଫେରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇପାରିବ ନାହିଁ। ଭାରତ ଏହାର କାରଣ ମଧ୍ୟ ସ୍ପଷ୍ଟ କରିଛି। ଶନିବାର (ଅକ୍ଟୋବର ୩) ଦିନ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ହାଇକମିଶନର ଦିନେଶ ତ୍ରିବେଦୀ ଏହି ବିଷୟରେ ମତ ରଖିଥିଲେ। ତଥାପି, ଶେଖ ହାସିନା ନିଜେ କହିଛନ୍ତି ଯେ ସେ ବାଂଲାଦେଶକୁ ଫେରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପିଟିଆଇ (ଚଞଓ) ରିପୋର୍ଟ ଅନୁଯାୟୀ, ବାଂଲାଦେଶରେ ଭାରତୀୟ ହାଇକମିଶନର ଦିନେଶ ତ୍ରିବେଦୀ କହିଛନ୍ତି, 'ଶେଖ ହାସିନାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ କେହି ବି ନିର୍ଦ୍ଦିଷ୍ଟ ସମୟ କହିପାରିବେ ନାହିଁ।' ସେ ଉଲ୍ଲେଖ କରିଛନ୍ତି ଯେ ଏହି ସମଗ୍ର ବିଷୟଟି ଏକ ଆଇନଗତ ପ୍ରକ୍ରିୟା ସହିତ ଜଡ଼ିତ। ଶେଖ ହାସିନାଙ୍କ ପ୍ରତ୍ୟର୍ପଣ ସମ୍ବନ୍ଧୀୟ ତଦନ୍ତ ଚାଲିଛି। ହାସିନାଙ୍କୁ ବାଂଲାଦେଶକୁ ଫେରାଇ ଆଣିବା ପାଇଁ ଢାକା ପକ୍ଷରୁ ଏକାଧିକ ଅନୁରୋଧ କରାଯାଇଛି। ଶେଖ ହାସିନା ବାଂଲାଦେଶକୁ ତାଙ୍କର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଅନେକ ଥର ମତାମତ ଦେଇଛନ୍ତି। ଚଳିତ ବର୍ଷ ସେପଟେମ୍ବର ମାସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ, 'ବାଂଲାଦେଶକୁ ଫେରିବା ପାଇଁ ମୁଁ ଦୃଢ଼ ସଂକଳ୍ପବଦ୍ଧ। ସମସ୍ତେ ଜାଣନ୍ତି ଯେ ମୋର ପାସପୋର୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ମୁଁ ଯୋଜନା କରୁଛି; ଉପଯୁକ୍ତ ସମୟ ଆସିଲେ ମୁଁ ଜଣାଇବି ଯେ କିପରି ଏବଂ କେବେ ମୁଁ ସେଠାକୁ ଯିବାକୁ ଚାହୁଁଛି।' ସେ ଆହୁରି ମଧ୍ୟ କହିଥିଲେ, 'ମୋତେ ଗିରଫ କରାଯାଇପାରେ କିମ୍ବା ଜେଲ ପଠାଯାଇପାରେ, କିନ୍ତୁ ଭୟ ମୋର କର୍ତ୍ତବ୍ୟପଥରୁ ମୋତେ ବିଚ୍ୟୁତ କରିପାରିବ ନାହିଁ। ମୋର ପ୍ରିୟ ଦେଶବାସୀ ଯେତେବେଳେ ଦୁର୍ଦ୍ଦଶା ଭୋଗୁଛନ୍ତି, ସେତେବେଳେ ମୁଁ ନିରବ ରହିପାରିବି ନାହିଁ।' ତାଙ୍କ ପ୍ରତ୍ୟାବର୍ତ୍ତନର ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସେ କହିଥିଲେ ଯେ ଉପଯୁକ୍ତ ସମୟ ଆସିଲେ ଏନେଇ ଘୋଷଣା କରାଯିବ; ତଥାପି, ଆଇନଗତ ଜଟିଳତାକୁ ଦର୍ଶାଇ ସେ ସଙ୍କେତ ଦେଇଥିଲେ ଯେ ସେ ଚଳିତ ବର୍ଷ ଡିସେମ୍ବର ମାସରେ ଫେରିପାରନ୍ତି।

# ତୃତୀୟ ଦିନିକିଆ ପରାଜୟର କାରଣ ଖୋଜା

## ୬-୭ କ୍ୟାଚ୍ ଡ୍ରପ୍, ଡେଥ୍ ଓଭରରେ ଫ୍ଲପ୍

ନୂଆଦିଲ୍ଲୀ,୦୪/୧୦; ମୁଣ୍ଡ ଉପରେ ଦିନିକିଆ ବିଶ୍ୱକପ । ଏହା ପୂର୍ବରୁ ୱେଷ୍ଟଇଣ୍ଡି ବିପକ୍ଷରେ ଭାରତ ଦେଇଥିବା ପରୀକ୍ଷାରେ ପାସ୍ କରିଛି । କିନ୍ତୁ କ୍ଲିନସୁଇପ ଟାର୍ଗେଟ୍ ହାସଲ କରିବାରେ ବିଫଳ ହୋଇଛି । ତୃତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ଦଳ ୫ ୱିକେଟରେ ପରାସ୍ତ ହୋଇଛି । ୱେଷ୍ଟଇଣ୍ଡିଜ୍ ଚମତ୍କାର ପ୍ରଦର୍ଶନ କରି ୫ ୱିକେଟରେ ବିଜୟୀ ହୋଇଥିଲା । ଅଧିନାୟକ ସାଇ ହୋପ୍ ଆଘାତ ସତ୍ତ୍ୱେ ଅପରାଜିତ ୧୬୨ ରନ୍ କରିଥିଲେ, ଯେଉଁଥିପାଇଁ ୱେଷ୍ଟଇଣ୍ଡିଜ୍ ୧୦ ବଲ୍ ବାକି ଥାଇ ବିଜୟ ହାସଲ କରି ସମ୍ମାନ ବଞ୍ଚାଇଥିଲା । ୩୫୧ ରନ କରିବା ସତ୍ତ୍ୱେ ଟିମ୍ ଇଣ୍ଡିଆ କାହିଁକି ହାରିଲା ତାହାର ତିନୋଟି ବଡ଼ କାରଣ ବାବଦରେ କହିଛନ୍ତି କ୍ୟାପ୍ଟେନ୍ ଗିଲ୍ ।




ଡେଥ୍ ଓଭରରେ ଖରାପ ବୋଲିଂ- ମ୍ୟାଚ୍ ପରେ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଡେଥ୍ ଓଭର ବୋଲିଂ ଏବଂ ଫିଲ୍ଡିଂକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ସେ ସ୍ୱୀକାର କରିଛନ୍ତି ଯେ, ବିଶ୍ୱକପ ପୂର୍ବରୁ ଭାରତୀୟ ଦଳର ଫିଲ୍ଡିଂ ଆଶା କରାଯାଉଥିବା ସ୍ତରରେ ନଥିଲା । ତୃତୀୟ ଦିନିକିଆରେ ଭାରତର ଅନଭିଜ୍ଞ ବୋଲିଂ ସାମ୍ନାକୁ ଆସିଥିଲା । ଯଶପ୍ରୀତ ବୁମରା ଏବଂ ଅର୍ଶଦୀପ ସିଂହଙ୍କ ବିନା ଟିମ୍ ଇଣ୍ଡିଆ ଡେଥ୍ ଓଭରରେ ବହୁତ ଖରାପ ବୋଲିଂ କରିଥିଲା । ଯେତେବେଳେ ସାଇ ହୋପ୍ ପରି ସେଟ୍ ବ୍ୟାଟ୍ର କ୍ରିଜରେ ଥାଆନ୍ତି, ସେତେବେଳେ ୩୦ ବଲରେ ୫୦ରୁ ଅଧିକ ରନ୍ କରିବା ଅସମ୍ଭବ ନୁହେଁ । ସମସ୍ୟା ଥିଲା ଯେ ଭାରତୀୟ ବୋଲରମାନେ ମ୍ୟାଚ୍ ୧୦ ବଲ୍ ପୂର୍ବରୁ ଶେଷ କରିଥିଲେ । ଏହି ୫୬ ରନ୍ କାରିବିଆନ୍ ବ୍ୟାଟ୍ର ୨୦ ବଲ୍ ରେ ହାସଲ କରିଥିଲେ ।

ଅନେକ କ୍ୟାଚ୍ ଡ୍ରପ୍ – ତୃତୀୟ ଦିନିକିଆରେ ଉଭୟ ଦଳ ମିଳିତ ଭାବେ ୯ଟି କ୍ୟାଚ୍ ଧରିଥିଲେ । ସେଥିମଧ୍ୟରୁ ୩ଟି କ୍ୟାଚ୍ ଭାରତୀୟ ଫିଲ୍ଡରମାନେ ଛାଡ଼ିଥିଲେ । ଆମୀର ଜାଙ୍ଗୁ ୩୪ ରନ୍‌ରେ ଖେଳୁଥିବା ବେଳେ ବିରାଟ କୋହଲି ତାଙ୍କ କ୍ୟାଚ୍ ଛାଡିଥିଲେ । ପରେ ଆମୀର ୬୬ ରନ୍ କରିଥିଲେ ଏବଂ ସାଇ ହୋପ୍ ଙ୍କ ସହ ୧୦୯ ରନ୍ ର ଭାଗିଦାରୀ କରିଥିଲେ । ଚତୁର୍ଥ ଓଭରରେ ଜନ୍ କ୍ୟାମ୍ପବେଲଙ୍କ କ୍ୟାଚ୍ ଧରିପାରିନଥିଲେ ଗୁରୁନୂର ବ୍ରାର । ଏଥି ସହିତ ଆମୀର ୨୨ ରନ୍ ସ୍କରରେ ଗୋଟିଏ କ୍ୟାଚ୍ ମଧ୍ୟ ମିସ୍ କରିଥିଲେ । ଦୁର୍ବଳ ଫିଲ୍ଡିଂ ମଧ୍ୟ ଟିମ୍ ଇଣ୍ଡିଆର ପରାଜୟର ଏକ ପ୍ରମୁଖ କାରଣ ପାଲଟିଥିଲା । ଏତେ ସୁଯୋଗ ହରାଇବା ଯେକୌଣସି ଦଳ ପାଇଁ ଚିନ୍ତାର ବିଷୟ ।

ବୋଲରଙ୍କ ଖରାପ ପ୍ରଦର୍ଶନ- ତୃତୀୟ ଦିନିକିଆରେ ଶୁଭମନ ଗିଲଙ୍କ ଖରାପ ଅଧିନାୟକତ୍ୱ ମଧ୍ୟ ଦେଖିବାକୁ ମିଳିଥିଲା । ନୀତୀଶ କୁମାର ରେଡ୍ଡୀ ପଞ୍ଚମ ବୋଲର ଭାବେ ଖେଳୁଥିଲେ । ନୀତୀଶ ବହୁତ ମହଙ୍ଗା ପ୍ରମାଣିତ ହେଉଥିଲେ, ତେଣୁ ଅଧିନାୟକ ଗିଲଙ୍କୁ ଷଷ୍ଠ ବୋଲିଂ ବିକଳ୍ପ ଅର୍ଥାତ୍ ନମନ ଧୀର ଆଡକୁ ଯିବାକୁ ପଡିଲା । ସାଧାରଣତଃ, ଯଦି ଅଧିନାୟକଙ୍କୁ ଗୋଟିଏ ପ୍ରାନ୍ତରୁ ରକ୍ଷଣାତ୍ମକ ହେବାକୁ ବାଧ୍ୟ କରାଯାଏ, ତେବେ ସେ ଅନ୍ୟ ପ୍ରାନ୍ତରୁ ଆକ୍ରମଣ କରନ୍ତି । କିନ୍ତୁ ଅଧିନାୟକ ଗିଲ୍ ତାଙ୍କର ପଞ୍ଚମ ଏବଂ ଷଷ୍ଠ ବୋଲିଂ ବିକଳ୍ପ ନୀତୀଶ ଏବଂ ନମନଙ୍କ ସହ ଏକାଠି ବୋଲିଂ କରିଥିଲେ । ଯେତେବେଳେ ବୋଲିଂ ଆକ୍ରମଣ କରିବା ଉଚିତ୍, ଗିଲଙ୍କ ରକ୍ଷଣାତ୍ମକ ଅଧିନାୟକତ୍ୱ ଟିମ୍ ଇଣ୍ଡିଆ ଉପରେ ଭାରି ପଡିଥିଲା ।

ଆସନ୍ତାବର୍ଷ ଦକ୍ଷିଣ ଆଫ୍ରିକ, ନାମିବିୟା ଏବଂ ଜିମ୍ବାୱେରେ ଦିନିକିଆ ବିଶ୍ୱକପ ଖେଳଯିବ । ଏ ନେଇ ସିଡ୍ୟୁଲ ବି ଘୋଷଣା ସରିଛି । ଆଗାମୀ ନ୍ୟୁଜିଲାଣ୍ଡ ସିରିଜରେ ଭାରତର ବିଶ୍ୱକପ ପ୍ଲେଇଁ ଏକାଦଶ ଦେଖିବାକୁ ମିଳିବ କି ପ୍ରଶ୍ନରେ ଗିଲ୍ ବଡ଼ ହିଣ୍ଟ ଦେଇ କହିଛନ୍ତି, ଆଶା କରୁଛୁ ଯେ ଆଗାମୀ ସିରିଜ୍‌ରେ ଉପଲବ୍ଧ ଥିବା ସମସ୍ତ ଖେଳାଳି ମିଳିଯିବେ ଏବଂ ବିଶ୍ୱକପ୍ ପାଇଁ ଆମେ ଯେଉଁ ଦଳଗତ ସଂଯୋଜନ (କମ୍ବିନେସନ୍)ସହିତ ଖେଳିବାକୁ ଚାହୁଁଛୁ,ସେହି ସଂଯୋଜନ ସହିତ ଖେଳିବା ଆରମ୍ଭ କରିବୁ । ବିଶ୍ୱକପ ଖେଳିବା ସମ୍ଭାବନା ଥିବା ଖେଳାଳିମାନଙ୍କୁ ଆଗାମୀ ଦିନିକିଆରେ ନିୟମିତ ସୁଯୋଗ ଦିଆଯାଉ । ସତ କହିବାକୁ ଗଲେ ପରୀକ୍ଷା କରିବାକୁ ଅଧିକ ସମୟ ନାହିଁ । ଆଶା କରୁଛୁ ସବୁ ଖେଳାଳି ଉପସ୍ଥିତ କରିବେ ।

ମ୍ୟାଚ୍ ଫଳାଫଳ- ୱେଷ୍ଟ ଇଣ୍ଡିଜ ବିପକ୍ଷରେ ସିରିଜ ମୂଳପୋଛ କରିବାରେ ବିଫଳ ହୋଇଛି ଭାରତ । ଶୁଭମନ ଗିଲଙ୍କ ନେତୃତ୍ୱାଧିନ ଭାରତୀୟ ଦଳ ଅନୁଷ୍ଠିତ ତୃତୀୟ ଦିନିକିଆରେ ପରାଜିତ ହୋଇଛି । ଭ୍ରମଣକାରୀ ଦଳ ୫ ୱିକେଟ୍‌ରେ ମ୍ୟାଚ ଜିତି ଆଗାମୀ ଟି ଟ୍ୱେଣ୍ଟି ସିରିଜ ପାଇଁ ମନୋବଳ ସୁଦୃ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍ ବିନିମୟରେ ୩୫୧ ରନ ସଂଗ୍ରହ କରିଥିଲା । ଜବାବରେ ୱେଷ୍ଟ ଇଣ୍ଡିଜ୪୮.୨ ଓଭରରେ ୫ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ଶତକୀୟ ଇନିଂସ୍ ଖେଳି ଦଳକୁ ଜିତାଇଥିବା ସାଇ ହୋପ୍ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଏବଂ ସିରିଜରେ ମୋଟ ୩୩୪ ରନ୍ ସଂଗ୍ରହ କରିଥିବା ଶୁଭମନ ଗିଲ୍ ପ୍ଲେୟାର ଅଫ୍ ଦି ସିରିଜ୍ ହୋଇଥିଲେ ।

## ସ୍ୱର୍ଣ୍ଣ ବିଜେତା ପୁରୁଷ ହକି ଟିମ ପାଇଁ ପୁରସ୍କାର ଘୋଷଣା

ଭୁବନେଶ୍ୱର,୪।୧୦:ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳ ପାଇଁ ପୁରସ୍କାର ଘୋଷଣା କରିଛନ୍ତି ଓଡିଶା ସରକାର । ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କୋଚ୍ ଓ ଅନ୍ୟ ସପୋର୍ଟ ଷ୍ଟାଫଙ୍କ ପାଇଁ ୫.୫ ଲକ୍ଷ ଟଙ୍କା ଲେଖାଏ ଘୋଷଣା କରାଯାଇଛି । ଗତକାଲି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ମଧ୍ୟ ରାଜ୍ୟସରକାର ସମାନ ପୁରସ୍କାର ଘୋଷଣା କରାଯାଇଥିଲା ।

ହକି ଇଣ୍ଡିଆ ତରଫରୁ ମଧ୍ୟ ପ୍ରତି ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଛି ।ଏହା ସହିତ କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ସାଢେ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ । ଗତକାଲି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ମଧ୍ୟ ସମାନ ପୁରସ୍କାର ଘୋଷଣା କରାଯାଇଥିଲା ।

ଆଜି ପୁରୁଷ ହକି ଫାଇନାଲରେ ବାଜି ମାରିଥିଲା ଡିଫେଣ୍ଡିଂ ଚାମ୍ପିୟନ ଭାରତ । ମାଲେସିଆକୁ ୫-୧ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା ଭାରତୀୟ ପୁରୁଷ ହକି ଦଳ । ଏହା ସହ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି ।ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଭାରତୀୟ ହକି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡି ହୋଇଯାଇଛି । ପ୍ରଥମ ଥର ପାଇଁ ଗୋଟିଏ ଏସିଆନ ଗେମ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଉଭୟ ଦଳ ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ୍ସ ପାଇଁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି ।

ପୁରୁଷ ହକି ଟିମ୍ ପୂର୍ବରୁ ଏସିଆନ ଗେମ୍ସରେ ୪ ଥର ସ୍ୱର୍ଣ୍ଣ ପଦକ ଜିତିଥିଲା । ଏଥରକୁ ମିଶାଇ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଛି । ଏହା ପୂର୍ବରୁ ୧୯୬୬, ୧୯୯୮, ୨୦୧୪ ଓ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ତା'ସହିତ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସରେ ଦଳ ଲଗାତାର ଦୁଇ ଥର ସ୍ୱର୍ଣ୍ଣ ପଦକ ଜିତିଛି । ଦଳ ପାଇଁ ଏହା ବି ଏକ ରେକର୍ଡ । ଅନ୍ୟପକ୍ଷରେ ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଗତକାଲି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାତେଇ ଥିଲା । ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା । ଏବେ ୪୪ ବର୍ଷ ପରେ ଜାପାନରେ ଏହାର ପୁନାରାବୃତ୍ତି ଘଟିଛି । ଲାଲରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଥିଲେ । ୧୯୯୮ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଫାଇନାଲକୁ ଯାଇଥିଲା । କିନ୍ତୁ ଦକ୍ଷିଣ କୋରିଆ ୨-୧ରେ ଭାରତକୁ ହରାଇ ଦେଶର ସ୍ୱର୍ଣ୍ଣ ସ୍ୱପ୍ନକୁ ଭାଙ୍ଗି ଦେଇଥିଲା । ୨୦୧୮ ଜାକାର୍ତ୍ତା ଏସିଆନ ଗେମ୍ସରେ ଭାରତୀୟ ମହିଳା ଟିମ ପାଇଁ ପୁଣି ସୁନା ଜିତିବାର ସୁଯୋଗ ସୃଷ୍ଟି ହୋଇଥିଲା । ହେଲେ ଜାପାନ ଏହାକୁ ୧-୦ରେ ଜିତି ସବୁ ସ୍ୱପ୍ନକୁ ଧୂଳିସାତ କରିଥିଲା ।

## ଡବ୍ଲ୍ୟୁସିଏଲ୍‌ରେ ଯୁବରାଜଙ୍କ ଧମାକା

ନୂଆଦିଲ୍ଲୀ,୦୪/୧୦; କମିନି ପ୍ରକୋପ । ଥମିନି ବ୍ୟାଟିଂ ଝଡ଼ । ୧୯ ବର୍ଷ ୧୩ ଦିନ ପରେ ଧମାକା । ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ର ନୂତନ ସିଜନ୍ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚରେ ଟିମ୍ ଇଣ୍ଡିଆ କିମ୍ବଦନ୍ତୀ ଯୁବରାଜ ସିଂହଙ୍କ ବିସ୍ଫୋରଣ ଦେଖିବାକୁ ମିଳିଥିଲା । ଯୁବରାଜ ସିଂହ ନିଜର ଶକ୍ତି ଏବଂ ସୁପରହିଟ୍ ପ୍ରଦର୍ଶନରେ ପ୍ରମାଣିତ କରିଛନ୍ତି କି, ବୟସ ଟିକେ ବୃଦ୍ଧି ପାଇଛି, କିନ୍ତୁ ଏହା ପ୍ରଭାବିତ ହୋଇନାହିଁ । ସିଂହ ଆଜି ମଧ୍ୟ ଶିକାର କରିବାକୁ ଭୁଲି ନାହିଁ । ଏବେ ପ୍ରଶ୍ନ ଉଠୁଛି, ଯୁବରାଜ ସିଂହ କ'ଣ କରିଥିଲେ ଏହାର ଉତ୍ତର ଜାଣିବା ପାଇଁ ଡବ୍ଲ୍ୟୁସିଏଲର ଉଦଘାଟନୀ ମ୍ୟାଚରେ କ'ଣ ଘଟିଥିଲା ଏବଂ ଏହାର ଫଳାଫଳ କ'ଣ ଥିଲା ତାହା ଜାଣିବା ।



ଯୁବରାଜ ସିଂଙ୍କ ଚମତ୍କାର ଖେଳ- ଡବ୍ଲ୍ୟୁସିଏଲ୍ ୨୦୨୬ର ଉଦଘାଟନୀ ମ୍ୟାଚ୍ ଭାରତ ଚାମ୍ପିଅନ୍ ଏବଂ ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ମଧ୍ୟରେ ଖେଳାଯାଇଥିଲା । ଶାରଜାରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଚାମ୍ପିୟନ ପ୍ରଥମେ ବ୍ୟାଟିଂ କରିଥିଲା । ଶୀର୍ଷ ତିନି ବ୍ୟାଟର ନମନ ଓଝା, ଅମ୍ବାତି ରାୟୁଡୁ ଏବଂ ଷ୍ଟୁଆର୍ଟ ବିନି କିଛି ବିଶେଷ କରିନଥିବାରୁ ଆରମ୍ଭରେ ସେତେଟା ମଜଭୁତ ନଥିଲା । କିନ୍ତୁ ଏହା ପରେ ଯୁବରାଜ ସିଂ କ୍ରିଜରେ ଯେଉଁ ମ୍ୟାଚ୍ ଦେଖାଇଥିଲେ, ତାହା ଅଷ୍ଟ୍ରେଲିଆ ଚାମ୍ପିୟନ ପାଇଁ ଯଥେଷ୍ଟ ଥିଲା । ୧୯ ବର୍ଷ ୧୩ ଦିନ ପରେ ଯୁବରାଜଙ୍କ ଧମାକା ଦେଖିବାକୁ ମିଳିଥିଲା । ଗୋଟିଏ ପଟେ ଏସିଆନ ଗେମ୍ସ ପୁରୁଷ କ୍ରିକେଟରେ ଯୁବରାଜଙ୍କ ଶିଷ୍ୟ ଅଭିଷେକ ଶର୍ମା ବର୍ଷିଥିଲେ । ଅନ୍ୟ ପଟେ ୱାର୍ଲ୍ଡ ଲିଜେଣ୍ଡସ ଚାମ୍ପିଅନରେ ଗୁରୁ ବର୍ଷିଥିଲେ । ତେବେ ସେ ଲଗାତାର ଏହି ୬ଟି ଛକା ମାରି ନଥିଲେ । କିନ୍ତୁ ୪୪ ବର୍ଷ ବୟସରେ ତାଙ୍କର ଏପରି ବ୍ୟାଟିଂ ଦେଖିଲେ ଯେ କେହି ବି କହିବେ ନିଆଁ ଏବେ ବି ଜଳୁଛି । ୬ଟି ଛକା ବ୍ୟତୀତ ଅଷ୍ଟ୍ରେଲିଆ ଚାମ୍ପିୟନ ବିପକ୍ଷରେ ଡବ୍ଲ୍ୟୁସିଏଲ ୨୦୨୬ର ପ୍ରଥମ ଇନିଂସରେ ଯୁବରାଜ ସିଂ ମଧ୍ୟ ୧୬୧.୩୬ ଷ୍ଟ୍ରାଇକ୍ ରେଟରେ ୪୪ ବଲରେ ୫ଟି ଚୌକା ମାରିଥିଲେ ଏବଂ ୭୧ ରନ୍ କରିଥିଲେ । ଯୁବରାଜଙ୍କ ୭୧ ରନ୍ ବଳରେ ଭାରତୀୟ ଚାମ୍ପିୟନ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା । ଅଷ୍ଟ୍ରେଲିଆ ଚାମ୍ପିୟନ୍ସକୁ ୧୯୭ ରନ୍ ର ଟାର୍ଗେଟ୍ ମିଳିଥିଲା ।

ଯୁବି ଝଡ଼ ପରେ ବୋଲର ଅଷ୍ଟ୍ରେଲିଆ ଚାମ୍ପିୟନକୁ ହରାଇଲେ- ଶାରଜା ପିଚ୍‌ରେ ଯୁବରାଜ ସିଂଙ୍କ ଝଡ଼ ପରେ ଧୱଲ କୁଲକର୍ଣ୍ଣି ଓ ମୋହିତ ଶର୍ମାଙ୍କ ଝଡ଼ ମଧ୍ୟ ବଲ୍ ରୁ ଆସିଥିଲା, ଯାହା ଅଷ୍ଟ୍ରେଲୀୟ ବ୍ୟାଟ୍‌ରଙ୍କ ପାଇଁ କ୍ରିଜ୍ ଉପରେ ଛିଡ଼ା ହେବା କଷ୍ଟକର ହୋଇପଡ଼ିଥିଲା । ଧୱଲ ଓ ମୋହିତ ଏକାଠି ୭ ୱିକେଟ୍ ନେଇଥିଲେ । ଧୱଲ ୪ ଓଭରରେ ୪୪ ରନ୍ ଦେଇ ୪ ୱିକେଟ୍ ନେଇଥିବା ବେଳେ ମୋହିତ ୩ ଓଭରରେ ୩୨ ରନ୍ ଦେଇ ୩ ୱିକେଟ୍ ନେଇଥିଲେ । ଏହା ବ୍ୟତୀତ ପୀୟୂଷ ଚାୱଲା ୨ ୱିକେଟ୍ ନେଇଥିବା ବେଳେ ହରଭଜନ ସିଂହ ଗୋଟିଏ ୱିକେଟ୍ ନେଇଥିଲେ । ଅଷ୍ଟ୍ରେଲିଆ ଚାମ୍ପିୟନର ୩ ଜଣ ବ୍ୟାଟର୍ ଖାତା ଖୋଲି ପାରିନଥିଲେ । ଭାରତ ଚାମ୍ପିଅନ୍ସ ୪୬ ରନରେ ଏହି ମ୍ୟାଚ୍ ଜିତିଥିଲା ।

## ଧୋନୀଙ୍କ ଉଚିତ୍ ପରାମର୍ଶରୁ ଆମେ ଜିତିଲୁ : ହୋପ୍

ନୂଆଦିଲ୍ଲୀ,୪।୧୦: ଶନିବାର ନୂଆ ଚଣ୍ଡିଗଡ଼ରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚରେ ଭାରତୀୟ କ୍ରିକେଟ ଦଳ ୱେଷ୍ଟଇଣ୍ଡିଜ ଠାରୁ ପରାଜିତ ହୋଇଛି । ଜିତିବା ପାଇଁ ୱେଷ୍ଟଇଣ୍ଡିଜକୁ ୩୫୨ ରନର ଆବଶ୍ୟକତା ଥିଲା; ସେମାନେ ଏହି ଲକ୍ଷ୍ୟ ହାସଲ କରିବା ସହ ଦିନିକିଆ କ୍ରିକେଟରେ ସେମାନଙ୍କର ସର୍ବାଧିକ ସଫଳ ରନ-ଚେଜ (ଲକ୍ଷ୍ୟ ପୂରଣ)ର ରେକର୍ଡ ସ୍ଥାପନ କରିଛନ୍ତି । ଯଦିଓ ଅନେକ ଲୋକ ଭାରତର ଏହି ପରାଜୟ ପାଇଁ ହୋପଙ୍କ ପ୍ରଦର୍ଶନକୁ ଦାୟୀ କରିଥିଲେ, ତଥାପି ଏହି ଫଳାଫଳ ପାଇଁ ପ୍ରକୃତରେ ଏମ.ଏସ. ଧୋନି ହିଁ ଦାୟୀ ଥିଲେ ।

ମ୍ୟାଚ ପରେ ଖୋଦ ହୋପ ଏକଥା ପ୍ରକାଶ କରି କହିଥିଲେ ଯେ ଧୋନିଙ୍କ ଠାରୁ ସେ ଯେଉଁ ଶିକ୍ଷା ପାଇଥିଲେ, ତାହା ତାଙ୍କୁ ଭାରତ ବିପକ୍ଷରେ ମ୍ୟାଚ-ଜିତାଇବା ଭଳି ଇନିଂସ ଖେଳିବାରେ ସାହାଯ୍ୟ କରିଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ ହରାଇ ୩୫୧ ରନ ସଂଗ୍ରହ କରିଥିଲା । ୱେଷ୍ଟଇଣ୍ଡିଜ ୪୮.୨ ଓଭରରେ ଏହି ଲକ୍ଷ୍ୟ ହାସଲ କରିନେଇଥିଲା । ମ୍ୟାଚ ପରେ ହୋପ ପ୍ରକାଶ କରିଥିଲେ ଯେ ଏକ ବିଶାଳ ଲକ୍ଷ୍ୟର ପିଛା କରୁଥିବା ସମୟରେ ସେ ଧୋନିଙ୍କର କିଛି ପରାମର୍ଶ ମନେ ପକାଇଥିଲେ । ହୋପ କହିଥିଲେ, 'ମୁଁ ମହାନ ଏମ.ଏସ. ଧୋନିଙ୍କ ସହ କଥା ହୋଇଥିଲି । ସେ ମୋତେ କହିଥିଲେ ଯେ ତୁମେ ଯାହା ଭାବୁଛ, ତା' ଠାରୁ ତୁମ ପାଖରେ ସର୍ବଦା ଅଧିକ ସମୟ ଥାଏ । ତେଣୁ, ଆମେ ଲକ୍ଷ୍ୟ ହାସଲ ପ୍ରକ୍ରିୟାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରି ଖେଳିବାକୁ ଚେଷ୍ଟା କଲୁ । ମୁଁ ଜାଣିଥିଲି ଯେ ପେନାଲ୍ଟି କାରଣରୁ ଭାରତକୁ ଫିଲ୍ଡରମାନଙ୍କୁ ସର୍କଲ ଭିତରକୁ ଆଣିବାକୁ ବାଧ୍ୟ ହେବାକୁ ପଡ଼ିବ, ତେଣୁ ମୁଁ ଧୈର୍ଯ୍ୟର ସହ ଖେଳିଲି ।'

## ଜାମ୍ମୁ-କାଶ୍ମୀରକୁ ହରାଇ ରେଷ୍ଟ ଅଫ୍ ଇଣ୍ଡିଆ ଚାମ୍ପିଅନ୍

ନୂଆଦିଲ୍ଲୀ,୦୪/୧୦;ରଣଜୀ ଟ୍ରଫି ଚାମ୍ପିଅନ ଜାମ୍ମୁ ଓ କାଶ୍ମୀର ଏବଂ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯାଉଥିବା ଇରାନୀ କପ୍ । ରଣଜୀ ଟ୍ରଫି ଚାମ୍ପିୟନ ଜାମ୍ମୁ କାଶ୍ମୀର 'ଘରୋଇ ଡବଲ୍' ଜିତିବାରେ ବିଫଳ ହୋଇଛି । ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଥିବା ଜାମ୍ମୁ କାଶ୍ମୀର ମଧ୍ୟ ଇରାନୀ କପ୍ ଜିତିବାର ସୁଯୋଗ ପାଇଥିଲା । କିନ୍ତୁ ତାଙ୍କର ଉଦ୍ୟମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ମ୍ୟାଚର ଚତୁର୍ଥ ଦିନରେ ଜାମ୍ମୁ କାଶ୍ମୀରକୁ ମାତ୍ର ୧୧୧ ରନରେ ଅଲଆଉଟ୍ କରି ୧୬୭ ରନର ବିପୁଳ ବ୍ୟବଧାନରେ ଇରାନୀ କପ୍ ଜିତିଥିଲା । ରଷଭ ପନ୍ତଙ୍କ

### ଦ୍ୱିତୀୟ ଇନିଂସରେ ଜାମ୍ମୁ କାଶ୍ମୀର ମାତ୍ର ୧୧୧ ରନରେ ଅଲଆଉଟ୍

ନେତୃତ୍ୱରେ ରେଷ୍ଟ ଅଫ୍ ଇଣ୍ଡିଆର ବିଜୟର ତାରକା ଥିଲେ ଦ୍ରୁତ ବୋଲର ମୁକେଶ କୁମାର, ଯିଏ ଶେଷ ଇନିଂସରେ ୬ ୱିକେଟ୍ ନେଇଥିଲେ ।



ଶ୍ରୀନଗରରେ ଅନୁଷ୍ଠିତ ଏହି ଇରାନୀ କପ୍ ମ୍ୟାଚରେ ପ୍ରଥମ ସେସନରେ ରେଷ୍ଟ ଅଫ୍ ଇଣ୍ଡିଆର ଦ୍ୱିତୀୟ ଇନିଂସ ଶେଷ ହୋଇଥିଲା । ତୃତୀୟ ଦିନର ସ୍କରରେ ଅବଶିଷ୍ଟ ଭାରତ ମାତ୍ର ୧୪ ରନ୍ ଯୋଡ଼ି ପାରିଥିଲା ଏବଂ ଦଳ ୩୨୦ ରନ୍ ରେ ଅଲଆଉଟ୍ ହୋଇଥିଲା । ଶତକ ହାସଲ କରିଥିବା ସମଝାନା ରବିଚନ୍ଦ୍ରନ ଶେଷରେ ୧୩୫ ରନ୍ କରିଥିଲେ । ଏହିଭଳି ଭାବେ ଜମ୍ମୁ ଓ କଶ୍ମୀରକୁ ଜିତିବା ପାଇଁ ୨୭୯ ରନର ଟାର୍ଗେଟ ମିଳିଥିଲା ।

ଜାମ୍ମୁ-କାଶ୍ମୀର ଏହି ରନ୍ ଚେଜ୍ କୁ ଦୃଢ ଭାବରେ ଆରମ୍ଭ କରିଥିଲା ଏବଂ ସେମାନଙ୍କ ଓପନରମାନେ ୫୪ ରନର ଭାଗିଦାରୀ କରିଥିଲେ । କିନ୍ତୁ ପ୍ରଥମ ୱିକେଟ୍ ପଡ଼ିବା ମାତ୍ରେ ଦଳର ଅବସ୍ଥା ପୁଣି ବିଗିଡ଼ି ଯାଇଥିଲା । ଭାରତୀୟ ଟେଷ୍ଟ ଦଳ ପାଇଁ ଖେଳିଥିବା ଦ୍ରୁତ ବୋଲର ମୁକେଶ କୁମାର ଏବଂ ଆକାଶ ଦୀପ ଏପରି ଧ୍ୱଂସ ସୃଷ୍ଟି କରିଥିଲେ ଯେ ଜଣେ ପରେ ଜଣେ ସମସ୍ତ ବ୍ୟାଟ୍‌ର ପ୍ୟାଭିଲିୟନକୁ ଫେରିଥିଲେ ଏବଂ ପୂରା ଦଳ ମାତ୍ର ୨୮.୪ ଓଭରରେ ୧୧୧ ରନ୍ ରେ ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଓପନର ଶୁଭମ ଖଜୁରିଆ ସର୍ବାଧିକ ୩୬ ରନ୍ କରିଥିଲେ । ରେଷ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ମୁକେଶ କୁମାର ୬ଟି ୱିକେଟ୍ ନେଇଥିବା ବେଳେ ଆକାଶ ଦୀପ ୩ଟି ୱିକେଟ୍ ନେଇଥିଲେ । ତୃତୀୟ ଦିନରୁ ଜ୍ୱରରେ ଆକ୍ରାନ୍ତ ଥିବାରୁ ଶେଷ ଦିନରେ ଅଧିନାୟକ ରଷଭ ପନ୍ତ ପଡ଼ିଆକୁ ଆସିନଥିଲେ । ଏହି କାରଣରୁ ସେ ଦ୍ୱିତୀୟ ଇନିଂସରେ ମଧ୍ୟ ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ । ଏଭଳି ପରିସ୍ଥିତିରେ ସର୍ଫରାଜ ଖାନ ଶେଷ ଇନିଂସରେ ପନ୍ତଙ୍କ ସ୍ଥାନରେ ରେଷ୍ଟ ଅଫ୍ ଇଣ୍ଡିଆର ନେତୃତ୍ୱ ଗ୍ରହଣ କରି ଦଳକୁ ବିଜୟ ଆଡକୁ ନେଇଥିଲେ ।

## ୬ରୁ ଭାରତ-ଅଷ୍ଟ୍ରେଲିଆ ଏ ଦିନିକିଆ ସିରିଜ୍

ନୂଆଦିଲ୍ଲୀ, ୦୪/୧୦: ଭାରତୀୟ କ୍ରିକେଟରେ ଏକାସାଙ୍ଗରେ ଦୁଇଟି ଦଳ ଭିନ୍ନ ଭିନ୍ନ ସିରିଜରେ ମଇଦାନକୁ ଓହ୍ଲାଇବେ । ଗୋଟିଏ ପଟେ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟି-୨୦ ସିରିଜରେ ବ୍ୟସ୍ତ ରହିବ । ଅନ୍ୟପଟେ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱରେ ଇଣ୍ଡିଆ-ଏ ଦଳ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ । ୬ ଅକ୍ଟୋବରରୁ ଉଭୟ ଦଳ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ । ଏହି ସିରିଜ୍ ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ବଡ଼ ଝଟକା । ଫିଟନେସ୍ ସମସ୍ୟା କାରଣରୁ ଷ୍ଟାର୍ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସିରିଜରୁ ବାଦ୍ ପଡ଼ିଛନ୍ତି ।



ଅଷ୍ଟ୍ରେଲିଆ-ଏ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଇଣ୍ଡିଆ-ଏ ଦଳରେ ସାମିଲ କରାଯାଇଥିଲା । କିନ୍ତୁ ସେ ଏପର୍ଯ୍ୟନ୍ତ ଫିଟ୍ ହୋଇପାରିନଥିବାରୁ ସିରିଜରୁ ବାହାରିଛନ୍ତି । ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଡ୍‌ଗେଙ୍କୁ ଦଳରେ ସାମିଲ କରାଯାଇଛି । ରିପୋର୍ଟ ଅନୁସାରେ, ହାର୍ଦ୍ଦିକଙ୍କୁ ପୂରା ଫିଟ୍ ହୋଇ ଫେରିବାକୁ ଆହୁରି କିଛି ସମୟ ଲାଗିପାରେ । ଏପରି ସ୍ଥିତିରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ମଧ୍ୟ ତାଙ୍କ ଫେରିବା ନେଇ ଆଶଙ୍କା ରହିଛି ।

ଅଷ୍ଟ୍ରେଲିଆ-ଏ ବିପକ୍ଷ ଦିନିକିଆ ସିରିଜରେ ଋତୁରାଜ ଗାଏକୱାଡ ଇଣ୍ଡିଆ-ଏ ଦଳର ଅଧିନାୟକ ରହିବେ । ଦଳରେ ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ ଏବଂ ରଜତ ପାଟିଦାରଙ୍କ ଭଳି ଖେଳାଳି ମଧ୍ୟ ରହିଛନ୍ତି । ଏହି ସିରିଜ୍ ଯୁବ ଓ ଉଦୀୟମାନ ଭାରତୀୟ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ଦେଖାଇବାର ଏକ ବଡ଼ ସୁଯୋଗ ହେବ । ବିଶେଷକରି ଜାତୀୟ ଦଳରେ ସ୍ଥାନ ପାଇଁ ଦାବିଦାର ଥିବା ଖେଳାଳିଙ୍କ ଉପରେ ନଜର ରହିବ ।

୬ ଅକ୍ଟୋବରରୁ ଆରମ୍ଭ ହେବ ସିରିଜ୍: ଅଷ୍ଟ୍ରେଲିଆ-ଏର ଭାରତ ଗସ୍ତ ୨୨ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିଲା । ପ୍ରଥମେ ଉଭୟ ଦଳ ମଧ୍ୟରେ ଦୁଇଟି ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ଇଣ୍ଡିଆ-ଏ ୧-୦ରେ ସିରିଜ୍ ଜିତିଥିଲା । ପ୍ରଥମ ଟେଷ୍ଟରେ ଭାରତୀୟ ଦଳ ୧୬୨ ରନରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଡ୍ର' ରହିଥିଲା । ଏବେ ୬ ଅକ୍ଟୋବରରୁ ୧୧ ଅକ୍ଟୋବର ମଧ୍ୟରେ ଉଭୟ ଦଳ ମଧ୍ୟରେ ତିନିଟି ଦିନିକିଆ ଖେଳାଯିବ । ସମସ୍ତ ମ୍ୟାଚ୍ ପୁଡୁଚେରୀର ସିଏପି ଗ୍ରାଉଣ୍ଡରେ ଖେଳାଯିବ ।

ଇଣ୍ଡିଆ-ଏ ବନାମ ଅଷ୍ଟ୍ରେଲିଆ-ଏ ଦିନିକିଆ ସିରିଜ୍ ସୂଚୀ କଥା ଯଦି ଦେଖିବା ତେବେ ଉଭୟ ଦଳ ମଧ୍ୟରେ ପ୍ରଥମ ମୁକାବିଲା ଅକ୍ଟୋବର ୬ ତାରିଖରେ ହେବାକୁ ଥିବା ବେଳେ ୯ ଅକ୍ଟୋବରରେ ଦ୍ୱିତୀୟ ଦିନିକିଆ ଏବଂ ୧୧ ଅକ୍ଟୋବରରେ ତୃତୀୟ ମ୍ୟାଚ୍ ଖେଳାଯିବ ।

**ଇଣ୍ଡିଆ-ଏ ଦିନିକିଆ ଦଳ:**

ଋତୁରାଜ ଗାଏକୱାଡ (ଅଧିନାୟକ), ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ, ରଜତ ପାଟିଦାର, ପ୍ରଭସିମରନ ସିଂହ, ପ୍ରିୟାଂଶ ଆର୍ଯ୍ୟ, ନମନ ଧୀର, ନିଶାନ୍ତ ସିନ୍ଧୁ, ଅର୍ଶିନ କୁଲକର୍ଣ୍ଣି, ଅର୍ଶଦ ଖାନ, ବିପ୍ରଜ ନିଗମ, କୁମାର କୁଶାଗ୍ର, ଯଶ ଠାକୁର, ଗୁରଜାପନୀତ ସିଂହ ।

## ଏସୀୟ କ୍ରୀଡ଼ା : ଭାରତ-ପାକ୍ ମ୍ୟାଚ୍‌ରେ ସର୍ବାଧିକ ଦର୍ଶକ

ନାଗୋୟା: ଚଳିତ ଆୟଚି-ନାଗୋୟା ଏସୀୟକ୍ରୀଡ଼ାରେ ଭାରତ-ପାକିସ୍ତାନ ମୁକାବିଲା ଦର୍ଶକଙ୍କ ମନ ଜିଣିଛି । ହକି ସେମିଫାଇନାଲରେ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ହରାଇଥିଲା ବେଳେ ଫାଇନାଲ୍‌ରେ ମାଲେସିଆକୁ ୫-୧ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣ ଜିତିଥିଲା । କ୍ରିକେଟ୍ ଫାଇନାଲ୍‌ରେ ମଧ୍ୟ ଭାରତ ୧୯ ରନ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲା । ଶନିବାରର ଭାରତ-ପାକିସ୍ତାନ ପୁରୁଷ କ୍ରିକେଟ୍ ଫାଇନାଲ୍ ଏବଂ ଏହା ପୂର୍ବରୁ ଗୁରୁବାର ଖେଳାଯାଇଥିବା ହକି ସେମିଫାଇନାଲ୍ ଦର୍ଶକରେ ଏସୀୟ କ୍ରୀଡ଼ା ରେକର୍ଡ ଭାଙ୍ଗିଛି । ସର୍ବାଧିକ ଦର୍ଶକ ଏହି ଦୁଇ ମ୍ୟାଚ୍ ଦେଖିଛନ୍ତି ବୋଲି ଏସୀୟ ଅଲିମ୍ପିକ୍ ପରିଷଦ (ଓସିଏ) କହିଛି । ହେଲେ କେତେ ଦର୍ଶକ ଏହି ଦୁଇ ମ୍ୟାଚ୍ ଦେଖିଛନ୍ତି ତାହାର ସଠିକ୍ ତଥ୍ୟ ଦେଇନି ଓସିଏ । ଏଥର ଅଧିକ ୧୯ ପ୍ରତିଶତ ପ୍ରାୟୋଜକ ମିଳିଛି ଏକ ସାମ୍ବାଦିକ ସମ୍ମିଳନୀରେ ଓସିଏ ସମନ୍ୱୟ କମିଟି ଅଧ୍ୟକ୍ଷ ତୟାବ ଇକ୍ରାମ କହିଛନ୍ତି ଯେ ''ଏଥର ଏସୀୟ କ୍ରୀଡ଼ାର ପ୍ରସାରଣକୁ ସର୍ବାଧିକ ଦର୍ଶକ ମିଳିଛି । ତେବେ ଭାରତ-ପାକିସ୍ତାନ ହକି ସେମିଫାଇନାଲ୍ ଓ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ସର୍ବାଧିକ ଦର୍ଶକ ଉପଭୋଗ କରିଛନ୍ତି'' । ଏହିଅବସରରେ ଓସିଏ ମହାସଚିବ ହୁସେନ ଅଲ୍-ମୁସଲାମ କହିଛନ୍ତି, ''ଏହି ଆଇଚି ନାଗୋୟା ସଂସ୍କରଣରେ ଅନେକ ରେକର୍ଡ ଭାଙ୍ଗିଛି । ଏଥର ୫୪ ବିଶ୍ୱ, ୧୧ କନିଷ୍ଠ ବିଶ୍ୱ, ୮୯ ଏସୀୟ ଓ ୨୧୨ ଏସୀୟ କ୍ରୀଡା ରେକର୍ଡ ହୋଇଛି । ଅର୍ଥନୀତିରେ ବିଗତ ସଂସ୍କରଣ ଅପେକ୍ଷା ଏଥର ଅଧିକ ୧୯ ପ୍ରତିଶତ ପ୍ରାୟୋଜକ ମିଳିଛି'' ।

## ବୀରେନ୍ଦ୍ର ସେହୱାଗଙ୍କ ପୁଅଙ୍କୁ ମିଳିଲା ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ,୪।୧୦: ଭାରତୀୟ କ୍ରିକେଟ୍ ଟିମ୍‌ର ପୂର୍ବତନ ଓପନର୍ ବୀରେନ୍ଦ୍ର ସେହୱାଗଙ୍କ ୧୮ ବର୍ଷୀୟ ପୁଅ ଆର୍ଯ୍ୟବୀର ସେହୱାଗଙ୍କୁ ଘରୋଇ କ୍ରିକେଟ୍‌ରେ ବଡ଼ ଦାୟିତ୍ୱ ମିଳିଛି । ଆଗାମୀ ବିନୁ ମଙ୍କଡ ଟ୍ରଫି ପାଇଁ ତାଙ୍କୁ ଦିଲ୍ଲୀ ପୁରୁଷ ଅଣ୍ଡର-୧୯ ଟିମ୍‌ର ଅଧିନାୟକ ଭାବେ ଘୋଷଣା କରିଛି ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏସନ୍ (ଡିଡିସିଏ)

ଡିଡିସିଏର ଜୁନିୟର ପୁରୁଷ ଚୟନ କମିଟିର ବୈଠକ ପରେ ୧୬ ଜଣିଆ ଦଳ ଚୟନ କରାଯାଇଛି । ଆସନ୍ତା ୮ ଅକ୍ଟୋବରରୁ ବିଶାଖାପାଟଣାରେ ବିନୁ ମଙ୍କଡ ଟ୍ରଫି ଖେଳାଯିବ । ଏହି ଟୁର୍ନାମେଣ୍ଟରେ ଆର୍ଯ୍ୟବୀରଙ୍କ ନେତୃତ୍ୱରେ ଦିଲ୍ଲୀ ଟ-୧୯ ଟିମ୍ ମଇଦାନକୁ ଓହ୍ଲାଇବ । ଅର୍ଣ୍ଣବ ବୁଗ୍ଗାଙ୍କୁ ଦଳର ଉପଅଧିନାୟକ କରାଯାଇଛି ।

ଆର୍ଯ୍ୟବୀର ନିକଟରେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜର ଛାପ ଛାଡ଼ିଛନ୍ତି । ଗତ ମାସରେ ଅଷ୍ଟ୍ରେଲିଆ ଟ-୧୯ ବିପକ୍ଷ ଦିନିକିଆ ସିରିଜ୍‌ରେ ସେ ଭାରତୀୟ ଟ-୧୯ ଟିମ୍ ପାଇଁ ଡେବ୍ୟୁ କରିଥିଲେ ।ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଆର୍ଯ୍ୟବୀର ୨୮ ରନ୍ କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ୪୭ ରନ୍ କରି ରନ୍‌ଆଉଟ୍ ହୋଇଥିଲେ । ତୃତୀୟ ମ୍ୟାଚ୍‌ରେ ମଧ୍ୟ ସେ ଭଲ ଆରମ୍ଭ କରି ୩୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ । ୧୮ ବର୍ଷୀୟ ଆର୍ଯ୍ୟବୀରଙ୍କ



ପାଖରେ ସିନିୟର ସ୍ତରର ଟି୨୦ କ୍ରିକେଟ୍‌ର ଅଭିଜ୍ଞତା ମଧ୍ୟ ରହିଛି । ଚଳିତ ବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ସେ ୱେଷ୍ଟ ଦିଲ୍ଲୀ ଲାୟନ୍ସ ପକ୍ଷରୁ ଖେଳିଥିଲେ । ଟୁର୍ନାମେଣ୍ଟରେ ସେ ଦୁଇଟି ମ୍ୟାଚ୍ ଖେଳି ୨୪ ରନ୍ କରିଥିଲେ ।ସିନିୟର ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ସେୟାର କରିବାର ଅଭିଜ୍ଞତା ତାଙ୍କୁ ଟ-୧୯ ସ୍ତରରେ ଅଧିନାୟକ ଦାୟିତ୍ୱ ତୁଲାଇବାରେ ସହାୟକ ହୋଇପାରେ । ଏହି କାରଣରୁ ଡିଡିସିଇ ତାଙ୍କୁ ଦଳର ନେତୃତ୍ୱ ଦାୟିତ୍ୱ ଦେଇଥିବା କୁହାଯାଉଛି ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର